## ସାଇ ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକସ୍ଥିତ କୋଟିପଦର ଗ୍ରାମରେ ସାଇ ସଂସ୍ଥା ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିର ନୂଆପଡା ସାଇ ସଂସ୍ଥାର ଡିଆରପି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତଙ୍କ ଥଣ୍ଡା, କାଶ, ବିଭିନ୍ନ ରୋଗ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। ଏଥିରେ ଡକ୍ଟର ଅରୁଣ୍ଧତୀ ଶଙ୍କର ଦାସ ଓ ଟିମ, ଆଇସିଟିସି ପରାମର୍ଶଦାତା ବରୁଣ ବଘାର, ଏଲଟି ସହଦେବ ମେହେର, ସେତୁ ପି ଏଫ ଓ ଗରୁଡ଼ଧ୍ୱଜ ମହାପାତ୍ରଙ୍କ ସହ ସାଇ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି

ନୂଆପଡା ଅଫିସ/ସିନାପାଲି, ୨୦।୨(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ସହର ଜଗନ୍ନାଥଙ୍କ ମନ୍ଦିରରୁ ୩ଟି ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି ନେଇଛନ୍ତି। ଏ ନେଇ ଥାନାରେ ମନ୍ଦିର ପୂଜକ ବସନ୍ତ କୁମାର ପତି ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମନ୍ଦିର ପୂଜକ ସକାଳ ୫ଟା ସମୟରେ ମଙ୍ଗଳ ଆଳତି ଦେବା ପାଇଁ ଯାଇଥିବା ସମୟରେ ମନ୍ଦିରର ପୂର୍ବ ଦୁଆର ତାଲା ଭାଙ୍ଗିଛି ଏବଂ ମୁଖ୍ୟ ସାଳାରେ ଥିବା ୩ଟି ହୁଣ୍ଡି ଭାଙ୍ଗି ପଡ଼ିଥିବା ବେଳେ ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ମନ୍ଦିର କମିଟିକୁ ସାଙ୍ଗେ ସାଙ୍ଗେ ଜଣାଇଥିଲେ। ମନ୍ଦିର କମିଟି ସମ୍ପାଦକ ରୂପେଶ ଚନ୍ଦ୍ର ମେହେର ଓ ଅନ୍ୟ ସଦସ୍ୟମାନେ ଯାଇ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଥାନାଧିକାରୀ ଉମ୍ବରୁଧର ପ୍ରଧାନ ସମେତ ଏସଆଇ ଗୌରୀଶଙ୍କର ଦାସ, ଏଏସଆଇ ପ୍ରଭାକର, ନାୟକ, କେଶବ ମାଝି ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଧିକ ତଦନ୍ତ ନେଇ ପାଇଁ ଜିଲା ଡକ୍ସ୍କ୍ୱାର୍ଡ ଟିମ ଓ କଳାହାଣ୍ଡି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ।

### ଅଢ଼େଇ ଲକ୍ଷ ଝାମ୍ପିନେଲେ ଦୁର୍ବୃତ୍ତ

ଭବାନୀପାଟଣା,୨୦।୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବଲଦିଆମାଲ ଛକଠାରେ ସୋମବାର ମଧ୍ୟାହ୍ନରେ ଜଣେ ବ୍ୟକ୍ତିଙ୍କଠାରୁ ଅଢେଇ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ଟଙ୍କା ହରାଇ ଥିବା ମାଲିକ ଅନ୍ତର୍ଲା ଗ୍ରାମର ହେମନ୍ତ କୁମାର ପାଢୀ ଜୁନାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହେମନ୍ତ ଜୁନାଗଡ଼ ଏସବିଆଇ ମୁଖ୍ୟ ଶାଖାରୁ ଅଢେଇ ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ଧରି ଘରକୁ ଫେରୁଥିଲେ। ବଲଦିଆମାଲ ଛକ ନିକଟରେ କିଛି ସଉଦା କିଣିବା ପାଇଁ ଅଟକି ଥିଲେ। ସଉଦା କିଣି ବାଇକରେ ବସୁଥିବା ବେଳେ ହଠାତ ୨ ଜଣ ଦୁର୍ବୃତ୍ତ ମୁହଁରେ କପଡା ବାନ୍ଧି ଏକ କଳାରଙ୍ଗର ପଲସର ଗାଡ଼ିରେ ଆସି ହେମନ୍ତଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଏହାର ଭିଡିଓ ସିସିଟିଭି ଫୁଟେଜରେ କଏଦ ହୋଇଛି।

### ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା

ଲାଞ୍ଜିଗଡ଼,୨୦।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନାରେ ନୂତନ ଭାବେ ଇନ୍ସପେକ୍ଟର ମମତା ହେମ୍ବ୍ରମ ଯୋଗ ଦେଇଛନ୍ତି। ସୋମବାର ତାଙ୍କୁ ବିଭିନ୍ନ ବର୍ଗର ଲୋକେ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ବ୍ଲକ ବିଜେଡି ପକ୍ଷରୁ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ପାହା ସମିତିସଭ୍ୟ ଜଗଦୀଶ ବେନିଆଁ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, ଯୁବନେତା ଦେବାଶିଷ ରଞ୍ଜନ ବିଶି, ବନ ଦଳେଇ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି ପ୍ରମୁଖ ନୂତନ ଥାନାଧିକାରୀଙ୍କୁ ସାକ୍ଷାତ କରି ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଲାଞ୍ଜିଗଡ଼ ପ୍ରେସ କ୍ଲବ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ଲାଞ୍ଜିଗଡ଼ ପ୍ରେସ କ୍ଲବର ସମସ୍ତ ସଦସ୍ୟ ବିଦାୟୀ ଥାନାଧିକାରୀ ରୁନୁ କୁମାରୀ ମାଝିଙ୍କୁ ସାକ୍ଷାତ କରି ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପୁଣି ଧାରଣାରେ ବସିଲେ ସାହଜଟ ଗ୍ରାମବାସୀ

## ପ୍ରଶାସନ ପ୍ରତିଶ୍ରୁତି ପୂରଣ ହେଉନାହିଁ



ଗ୍ରାମବାସୀ ଧାରଣାରେ ବସିଛନ୍ତି।

ନୂଆପଡ଼ା ଅଫିସ,୨୦।୨

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ସାହଜଟ ଗ୍ରାମସ୍ଥିତ ଅନୁସୂଚିତ ଜନଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ତଥା ସେବାଶ୍ରମ ସ୍କୁଲରେ ଅନେକ ସମସ୍ୟା ରହଛି। ଏହାକୁ ନେଇ ସୋମବାର ପୁଣିଥରେ ପରିଚାଳନା କମିଟି ସହ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ୨୦୨୨ ଅକ୍ଟୋବର ୧୭ରେ ୫ ଦଫା ଦାବି ନେଇ ସାହଜଟବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅକ୍ଟୋବର ୨୧ରେ ଜିଲା ମଙ୍ଗଳ ଅଧିକାରୀ ନନ୍ଦକିଶୋର ତାଣ୍ଡି ଓ ସଦର ତହସିଲଦାର ଦେବେନ୍ଦ୍ର ରାଉତ ଧାରଣାକାରୀଙ୍କ ସହ ଆଲୋଚନା କରି ମାସେ ମଧ୍ୟରେ ୫ଟି ଦାବିରୁ ୪ଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲ। ୧ରୁ ୨ମାସ ବିତିଗଲା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ୨୦୨୨ ଡିସେମ୍ବର ୧୯ରୁ ପୁଣି ସାହଜଟବାସୀ ଧାରଣାରେ ବସିଲେ। ୨୦୨୩ ଜାନୁୟାରୀ ୪ରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ପ୍ରଶାସନ ପକ୍ଷରୁ ୧୫ ଦିନ ସମୟ ମାଗିଥିଲେ। ହେଲେ ଆଜକୁ ପ୍ରାୟ ୪୨ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ପରିଚାଳନା କମିଟି ଉପରେ ପ୍ରତିଶୋଧ ପରାୟଣ ହୋଇ କମିଟି ଭାଙ୍ଗି ଦେବା ପାଇଁ ଶଡଯନ୍ତ୍ର କରି ଗ୍ରାମବାସୀଙ୍କ ଜାଲ ଦସ୍ତଖତ କରି କୋମନା ବିଇଓଙ୍କୁ ଦେଇ ବିଇଓଙ୍କ ଦ୍ୱାରା ଚିଠି କରାଯାଇଛି। ସେହି ଚିଠିକୁ ପରିଚାଳନା କମିଟି ଅସ୍ୱୀକାର କରୁଛନ୍ତି। ଦୁଇ ଦୁଇ ଥର ଧାରଣାରେ ବସିବା ପରେ ପ୍ରଶାସନ ତଦନ୍ତ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କେବଳ ପ୍ରତିଶ୍ରୁତି ଦିଆ ଚାଲିଛି। ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ ହୋଇଥିବାରୁ ସୋମବାରଠାରୁ ୧୫ଦଫା ଦାବି ନେଇ ପୁଣି ଧାରଣାରେ ବସିଛନ୍ତି। ଧାରଣାରେ ବସିଥିବା ଭିତରେ ସବୁ ଦାବି ପୂରଣ କଲେ ଗ୍ରାମବାସୀ ଧାରଣାରୁ ଉଠିବୁ, ପ୍ରତିଶ୍ରୁତିକୁ ମାନିବୁ ନାହିଁ। ଯେଉଁ ଦିନ ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ, ସେହି ଦିନ ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ଗୌତମ ମାଝି, ସୁବାଷ ପ୍ରଧାନ, ପ୍ରେମାନନ୍ଦ ମାଝି, ହିରାଧର ଶବର, ଭଗବାନ ଷଣ୍ଡ, ଦୁର୍ଯ୍ୟୋଧନ ସେଠୀ, ଦିଲୀପ କୁମାର ପ୍ରଧାନ, ରାଜେଶ କୁମାର ପ୍ରଧାନ, ଜୟନ୍ତି ଶବର, ଚିଲିକା ଶବର, ନରସିଂହ ସାହୁ, ଉଜ୍ୱଳ ସାହୁ, ଅନନ୍ତ ସାହୁ, ଭାଗୀରଥି ମାଝି ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର

ନୂଆପଡ଼ା ଅଫିସ,୨୦।୨

ନୂଆପଡା ୟୁନିଟ ଅଣଗେଜେଟେଡ ବୈଷୟିକ ପ୍ରାଣୀ ଚିକିତ୍ସା କର୍ମଚାରୀ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ପଣ୍ଡାଙ୍କ ଜରିଆରେ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟ ଅଣ ଗେଜେଟେଡ ବୈଷୟିକ ପ୍ରାଣୀ ଚିକିତ୍ସା କର୍ମଚାରୀ ସଂଘଙ୍କ ଆହ୍ୱାନକ୍ରମେ ୨୦୧୮ରେ ପ୍ରାଣୀ ଧନ ନିରିକ୍ଷକମାନେ କାର୍ଯ୍ୟ ଡାକରା ଦେଇ ଅନିର୍ଦ୍ଦିଷ୍ଟକାଳ ପାଇଁ କାର୍ଯ୍ୟ ବନ୍ଦ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୪ ମାସରେ ଭିତରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବନ୍ଦ ଡାକରାକୁ ସ୍ଥଗିତ କରିଥିଲେ। ହେଲେ ୫ ବର୍ଷ ବିତି ଗଲା ପରେ ମଧ୍ୟ ଦାବି ପୂରଣ ନ ହେବାରୁ ପୁଣି ସରକାରଙ୍କୁ ଅବଗତ କରିବା ପାଇଁ ସୋମବାର ରାଜ୍ୟ ବ୍ୟାପି ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଯଦି ଆମ ଦାବିକୁ ସ୍ୱୀକାର ନ କରନ୍ତି, ତେବେ ଆସନ୍ତା ୩ରେ ରାଜ୍ୟ ସଂଘ ନିଷ୍ପତ୍ତି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅଣଗେଜେଟେଡ ବୈଷୟିକ ପ୍ରାଣୀ ଚିକିତ୍ସା କର୍ମଚାରୀ ସଂଘ ଜିଲା ସଭାପତି ଶ୍ରୀବନ୍ତ କୁମାର ପାଢୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସରୱାରେ ଆଲାମ ଖାନ, ମିଟୁ ମଟାରି, ହିରାଲାଲ ଶବର, ଇନ୍ଦୁମତି ବେହେରା, ଥାନେଶ ସାହୁ, କ୍ଷିତିଶ ନାଏକ, ସୁରେଶ ପ୍ରଧାନ, ସରଜୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ କରାଯାଉଛି।

# ରକ୍ତରେ ଭିଜିଲା ସପ୍ତମାତୃକା ଶୈବପୀଠ

ତୁଣ୍ଡଲା,୨୦।୨(ଡି.ଏନ.ଏ.)


ସପ୍ତମାତୃକା ଶୈବପୀଠରେ ପୂଜା କରାଯାଉଛି।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡିସ୍ଥିତ ତେଲ ଉତେଇ ନଦୀ ସାଙ୍ଗମସ୍ଥଳରେ ଥିବା ସପ୍ତମାତୃକା ଶୈବପୀଠରେ ସୋମବାର ଶହ ଶହ ପଶୁ ପକ୍ଷୀଙ୍କୁ ବଳି ଦିଆଯାଇଛି। ବଳି ଯୋଗୁ ଶୈବପୀଠ ରକ୍ତ ରଞ୍ଜିତ ହୋଇପଡିଛି। ଓଡିଶାରେ ଶୈବ ପୀଠରେ ବଳି ଦେବା ପରମ୍ପରା ବିରଳ ହୋଇଥିବା ବେଳେ ଏଠାରେ ଶୈବ ଓ ଶାକ୍ତର ମିଳନ ଦେଖିବାକୁ ମିଳିଛି। ଆଦିବାସୀଙ୍କ ବିଶ୍ୱାସ ଅନୁସାରେ ମହାଶିବରାତ୍ରି ସମୟରେ ଅମାବାସ୍ୟା ପରବର୍ତ୍ତୀ ଦିନ ଏଠାରେ ବଳି ଦେବା ପ୍ରଥା ରହିଛି। ସକାଳୁ ପୂଜାର୍ଚ୍ଚନା ପରେ ଧବଳେଶ୍ୱର ମନ୍ଦିରରୁ ଚଣ୍ଡୀ କାଳସୀଙ୍କୁ କାନ୍ଧରେ ବୋହି ଦେବ ମୁହାଣ ପର୍ଯ୍ୟନ୍ତ ଅଣାଯାଇଥିଲା। ଦେବ ମୁହାଣରେ ପ୍ରଥମେ କଳାହାଣ୍ଡି ରାଜାଙ୍କ ଦ୍ୱାରା ପ୍ରେରିତ ବୋଦାକୁ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀର ଅଠର ମାଝି ଷୋହଳ ପ୍ରଧାନୀ ଆଦିବାସୀମାନଙ୍କଠାରୁ ଅରୁଆ ଚାଉଳ, ଫୁଲ, ସିନ୍ଦୁର ଓ ଟାଙ୍ଗିଆ ଆସିବା ପରେ ସିଦ୍ଧେଶ୍ୱରୀ ପୀଠରେ ପୂଜା କରାଯାଇଥିଲା। ସେହିଭଳି ଗୁର୍ଜିଭଟାରୁ ଆସିଥିବା ନିଶାନରେ ଦେବୀ ବସିବା ପରେ କଣ୍ଟା ଦୋଳିରେ ଖେଳିଥିଲେ। ପରେ ଚଣ୍ଡୀଙ୍କଠାରେ ମନସ୍କାମନା ରଖିଥିବା ଭକ୍ତମାନେ ଆଣିଥିବା ବୋଦାକୁ ବଳି ଦିଆଯାଇଥିଲା। ଏଠାରେ ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ବଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଠାରେ ମନସ୍କାମନା ପାଇଁ ଦେବୀଙ୍କୁ ମନାସିଲେ ତାହା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ପ୍ରାଚୀନ କାଳରେ ଏହି ଅଞ୍ଚଳରେ କନ୍ଧମାନେ ବାସ କରି ଆସୁଥିଲେ ଏବଂ ଏଠାରେ ସପ୍ତମାତୃକା ପୂଜା କରାଯାଉଛି। ଏଠାରେ ବଳି ଦେବା ପ୍ରଥା ଶତାଧିକ ବର୍ଷ ଧରି ଚାଲି ଆସିଛି ଏବଂ ଭକ୍ତମାନେ ସ୍ୱାଇଚ୍ଛାରେ ବୋଦା ଆଣି ବଳି ଦେଇଥାନ୍ତି ବୋଲି କମିଟି ପ୍ରକାଶ କରିଛି। ଭୋର ସକାଳୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ମାନସୀ ଥିବା ବୋଦା ଓ ଗ ଧରି ଲମ୍ବା ଧାଡିରେ ଛିଡା ହୋଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେସିଙ୍ଗା ଥାନା ଓ ପଲମ ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବେଲଖଣ୍ଡି ଶୈବପୀଠରେ ବଳିପ୍ରଥା ପରମ୍ପରା ଦୀର୍ଘ ଦିନରୁ ଚାଲି ଆସୁଛି ଏବଂ ଏହା ଶୈବ ଓ ଶାକ୍ତର ମହାମିଳନ ବୋଲି ମନ୍ଦିର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ କହିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ପାର୍ଥବିର ସେଲମା, ସମ୍ପାଦକ ପ୍ରଦୀପ ଦୋରା, ଆର୍ତତ୍ରାଣ ସିଂ, ଆଦିବାସୀ ପୂଜା କମିଟି ଏବଂ ସମସ୍ତ କର୍ମକର୍ତ୍ତାଙ୍କ ନେତୃତ୍ୱରେ ପୂଜା ଅନୁଷ୍ଠିତ ହୋଇଯାଇଛି।

# ପାଇଖାନା, ପାଚେରି ଭାଙ୍ଗିଲେ ପଞ୍ଚାୟତ କର୍ତ୍ତୃପକ୍ଷ

ଖଡ଼ିଆଳ,୨୦।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଦାବ୍ରିଠାରେ ଥିବା ଆଦିବାସୀ ବାଳିକା ଛାତ୍ରୀ ନିବାସରେ ଅସ୍ଥାୟୀ ଭାବେ ଋତୁ କାଳୀନ ଛାତ୍ରୀଛାତ୍ର ଚାଲୁଛି। ସେଠାରେ ଥିବା ୨ଟି ପାଇଖାନା ଓ ପାଚେରି ପଞ୍ଚାୟତ କର୍ତ୍ତୃପକ୍ଷ ଭାଙ୍ଗି ଦେଇଛି। ଫଳରେ ଋତୁକାଳୀନ ଛାତ୍ରୀଛାତ୍ର ନିବାସରେ ରହୁଥିବା ୩୫ଜଣ ଛାତ୍ରୀଛାତ୍ର ସମସ୍ୟାରେ ରହୁଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଛାତ୍ରୀ ନିବାସରେ ଗୋଟିଏ ପାଇଖାନା ରହିଥିବାରୁ ଛାତ୍ରୀମାନେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଦୁଇଟି ପାଇଖାନା ଓ ପାଚେରି ଠିକ ଥିବାବେଳେ ପଞ୍ଚାୟତ କର୍ତ୍ତୃପକ୍ଷ ସେଠାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କୋଠରି ନୂତନ ଭାବେ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇ ଭାଙ୍ଗି ଦେଇଥିବା ଜଣାପଡିଛି। ପାଚେରି ଭାଙ୍ଗି ଯାଇଥିବାରୁ ଗୃହ ପାଳିତ ପଶୁ ଅବାଧରେ ପଶୁଥିବା ବେଳେ ରାତିରେ ନିଘଞ୍ଚ ଜଙ୍ଗଲ ଅଞ୍ଚଳ ଯୋଗୁ ଛାତ୍ରୀଛାତ୍ର ଭୟଭିତ ଅବସ୍ଥାରେ ରହୁଛନ୍ତି। ଏ ନେଇ ଦାବ୍ରି ସରପଞ୍ଚଙ୍କୁ ପଚାରିବାରୁ କାର୍ଯ୍ୟ ବ୍ୟସ୍ତତା ଯୋଗୁ ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଦୃଷ୍ଟି ଦେଇ କାହିଁକି ଠିକ ଥିବା ଦୁଇଟି ପାଇଖାନା ଓ ପାଚେରି ଭାଙ୍ଗିଲା ପଞ୍ଚାୟତ କର୍ତ୍ତୃପକ୍ଷ ତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଋତୁକାଳୀନ ଛାତ୍ରୀଛାତ୍ର**

# ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ, କର୍ମଚାରୀଙ୍କ ଦାବିପତ୍ର

ଭବାନୀପାଟଣା,୨୦।୨(ସ୍ୱ.ପ୍ର.)

ଓଡିଶା ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ, କର୍ମଚାରୀଙ୍କ ଡାକରାକ୍ରମେ ସୋମବାର କଳାହାଣ୍ଡି ଜିଲା ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ, କର୍ମଚାରୀ ସଂଘ ପକ୍ଷରୁ ଭବାନୀପାଟଣାରେ ୫ଦଫା ଦାବି ନେଇ ଏକ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଦୁଇ ବର୍ଷ ଡିପ୍ଲୋମା ପାଠ୍ୟକ୍ରମ ସହିତ ଡିପ୍ଲୋମା କାଉନସିଲ ଗଠନ, ପ୍ରାଣୀ ସମ୍ପଦ ନିରୀକ୍ଷକ ଆଦି କ୍ୟାଡ଼ର ପୁନର୍ଗଠନ ଓ ପୁନର୍ବିନ୍ୟାସ, ପ୍ରାଣୀ ସମ୍ପଦ ନିରୀକ୍ଷକ କ୍ୟାଡ଼ରର ଦରମା ହାର ସଂଶୋଧନ ଓ ଅସଙ୍ଗତି ଦୂରୀକରଣ, ପ୍ରାଣୀ ସମ୍ପଦ ନିରୀକ୍ଷକ କ୍ୟାଡ଼ର ଚୟନ ନିୟମାବଳୀର ସଂଶୋଧନ ଓ ପ୍ରାଣୀ ସମ୍ପଦ ନିରୀକ୍ଷକ କାର୍ଯ୍ୟ ସାରଣୀ ସଂଶୋଧନ ଆଦି ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ସତ୍ୟ ନାରାୟଣ ଭଞ୍ଜ, ଉପସଭାପତି କେ ଇନ୍ଦିରା ପ୍ରମୁଖ ନେତୃତ୍ୱ ନେଇଥିଲେ।


ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର।

# ଦୁର୍ଘଟଣାରେ ଶିଶୁ ମୃତ, ରାସ୍ତା ଅବରୋଧ


ପୋଲିସ ଧାରଣାକାରୀଙ୍କୁ ବୁଝାଶୁଝା କରୁଛି।

ଖଡ଼ିଆଳ,୨୦।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ସାନମହେଶର ଗ୍ରାମ ୩୫୩ ନମ୍ବର ଜାତୀୟ ରାଜପଥରେ ଟ୍ରକ ଚାପାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ନାବାଳିକା ସାନମହେଶର ଗ୍ରାମର ହର ସୁନାନୀଙ୍କ ୫ ବର୍ଷର ଝିଅ ଡିମ୍ପଲ। ସୂଚନା ଅନୁସାରେ ସାନମହେଶର ଗ୍ରାମ ନିକଟରେ ଡିମ୍ପଲ ରାସ୍ତା ପାରି ହେଉଥିବା ବେଳେ ଖଡିଆଳ ପଟୁ ରାୟପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ଚାପାରେ ଆସିଯାଇଥିଲା। ଦୁର୍ଘଟଣା ଏପରି ଭୟଙ୍କର ଥିଲା ଯେ ଡିମ୍ପଲର ଖଣ୍ଡବିଖଣ୍ଡିତ ମୃତଦେହ ଛିଟିକି ପଡିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ପରେ ଟ୍ରକ ଫେରାର୍ ହେଉଥିବା ବେଳେ ସ୍ଥାନୀୟ ଲୋକେ ପିଛା କରି ୧ କି.ମି. ଦୂର ବଡମହେଶର ଗ୍ରାମ ନିକଟରେ ଅଟକାଇ ଥିବାବେଳେ ଡ୍ରାଇଭର୍ ଫେରାର୍ ହୋଇଛନ୍ତି। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ କ୍ଷତିପୂରଣ ଦାବି କରି ଗ୍ରାମବାସୀ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଖଡିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରିବା ସହିତ ହାରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ଓ ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତା ଅବରୋଧ ହଟିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ଜୟସେନ ଧରୁଆ, ଖଡ଼ିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଏସଆଇ ତାରକାନ୍ତ ବିଶ୍ୱାଳ, ଦେବେନ୍ଦ୍ର ବିନ୍ଧାଣି, ରେବତୀ ଦୁର୍ଗାଙ୍କ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲା ପ୍ରଶାସନ

କୋକସରା/ଲାଞ୍ଜିଗଡ଼/ଖଡ଼ିଆଳ,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ରଙ୍କ ସଭାପତିତ୍ୱରେ ତହସିଲଦାର ଦେବବ୍ରତ କରାଟି, ଜିପିଇଓ ନାରାୟଣ ଭୋଇ, ସମିତି ସଭ୍ୟ ମୁକ୍ତେଶର ନାଏକ, ଆଡିସନାଲ ଡିଡବ୍ଲୁଓ ଦାମୋଦର ବିଶ୍ୱାଳ, ବିଏସଏସଓ ଦୀପକ କୁମାର ବେହେରା, ଆରଆଇ ଅଗ୍ନି କୁମାର ନାଏକ, କୃଷି କର୍ମଚାରୀ ଉପେନ୍ଦ୍ର ଜାଲ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀମାନେ ଆବାସ ଘର, ଭତ୍ତା, ପିଡିଏସ ଓ ଅନ୍ୟାନ୍ୟ ଅଭିଯୋଗ କରିଛନ୍ତି। ମୋଟ ୮୭୭ଜଣ ଶିବିରରେ ବିଭିନ୍ନ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲ, ଜିଆରଏସ ଅଶୋକ ଠାକୁର, ଅଜିତ କୁମାର ମହାନ୍ତି ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଶିବିରରେ ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ କକ୍ଷଠାରେ ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜି ସରପଞ୍ଚ ଯମୁନା ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏବିଡିଓ ବିଭୁତି ଭୂଷଣ ଶତପଥୀ, ଜୋନ ୨ ଜିଲା ପରିଷଦ ପରୀକ୍ଷିତ ନାଏକ, ଦଶମନ୍ତ ମାଝି, ସମିତି ସଭ୍ୟ ବେଣୁଧର ବାଗ ଓ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଧୁରାମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୋଗାଣ ସହାୟକ ସୁଧାଂଶୁ ବାଗ ସହଯୋଗ କରିଥିଲେ। ପଞ୍ଚାୟତରେ ଆବାସ ଯୋଜନାରେ ଘର ଓ ଭତ୍ତା ବାବଦକୁ ଲୋକଙ୍କ ଅଧିକାଂଶ ଅଭିଯୋଗ ରହିଥିଲା।

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଜିଲାପାଳ ହେମକାନ୍ତ ସାଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ଟି ଅଭିଯୋଗ ଗ୍ରହଣ କରାଯାଇ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଅଗସ୍ତି ପ୍ରଧାନ, ଏସ୍‌ପି ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିବାବେଳେ ଖଡ଼ିଆଳ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସିନ୍ଧୁସୁତା ପାତ୍ର, ବ୍ଲକ ଅଧକ୍ଷ ପୁଷ୍ପାଞ୍ଜଳି ନନ୍ଦ, ଏନଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଏସ୍‌ଡିପିଓ ଅଭିଷେକ ସ୍ୱରୂପ ବେହେରା, ସିଡିପିଓ ମିନା କୁମାରୀ ଅଗ୍ରୱାଲ, ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀ, ଅବକାରୀ ନିରୀକ୍ଷକ ହୀରବତୀ ଥାଟିଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଶିବିରରେ ଉଚ୍ଚ ଶିକ୍ଷା ପାଇଁ ମିତା ପଣ୍ଡାଙ୍କୁ ୪୬ ହଜାର ଟଙ୍କା ଜିଲାପାଳ ପ୍ରଦାନ କରିଥିବା ବେଳେ ୨ଜଣ ଦିବ୍ୟାଙ୍ଗ ଲାଞ୍ଜି ଗ୍ରାମର ହିତେଶ ମାଝି ଓ ଡୁମେରବାହାଲ ଗ୍ରାମର ଉଲ୍ଲାସ ମାଝିଙ୍କୁ ହ୍ୱିଲଚେୟାର ପ୍ରଦାନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତର ୧୮୭ ଜଣଙ୍କୁ ବିଭିନ୍ନ ଭତ୍ତା ପ୍ରଦାନ କରିଥିଲେ। ଖଡ଼ିଆଳ ଏନଏସିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସକ୍ଷମ ୱାର୍ଡ ନଂ ୫କୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।





ଖଡ଼ିଆଳରେ ଜିଲାପାଳ ଲୋକଙ୍କ ଅଭିଯୋଗ ଗ୍ରହଣ କରୁଛନ୍ତି। କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆୟୋଜିତ ଜନ ଶୁଣାଣି ଶିବିର।

## ସଂକ୍ଷେପରେ

### ବ୍ଲକସ୍ତରୀୟ ପରାମର୍ଶ ଶିବିର

ତରଭା, ୨୦।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପ୍ରାଙ୍ଗଣରେ ସୋମବାର ଜିଲା କର୍ମ ନିୟୋଜନ ସଂସ୍ଥା ତରଫରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାକୁ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମ୍ମ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ତରଭା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ ଯୋଗଦେଇ ଯୁବପୀଢ଼ି କିପରି କୁଶଳୀ ହୋଇ ରୋଜଗାରକ୍ଷମ ହୋଇପାରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ସଭାକୁ ଜିଲା କର୍ମ ନିୟୋଜନ ସଂସ୍ଥା ଅଧିକାରୀ ସଞ୍ଜୁ କୁମାରୀ ସାହୁ ପରିଚାଳନା କରିଥିଲେ। ଏହି ଶିବିରରେ ୮୮ ଜଣ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୪ଜଣ ନିଜ ନାମ ପିଆଇଏ ନିକଟରେ ପଞ୍ଜୀକୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ବିପିଏମ ମନୋଜ ରଞ୍ଜନ ପାତ୍ର, ବିଏଲସି ଉର୍ମିଳା ସୁନା, ଗଣ୍ଡାରାମ ବାଘ ସହଯୋଗ କରିଥିଲେ।

### ମଠାଧୀଶ ବନବାସ ଦାସଙ୍କ ପରଲୋକ

ଅମରପାଲି,୨୦।୨(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲିସ୍ଥିତ ରାଧେଶ୍ୟାମ ମଠର ମଠାଧୀଶ ବନବାସ ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା । ସେ ପ୍ରାୟ ପଚାଶ ବର୍ଷ ଧରି ଉକ୍ତ ମଠରେ ମଠାଧୀଶ ଭାବେ ରହିଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା । ଭଜନ କୀର୍ତ୍ତନ ଶହ ମଠ ପରିସରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ମଠର ବାବା ଅଭିରାମ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ସମୟରେ ପୁରୀ ରାମଜୀ ମଠର ମଠାଧିଶ ବଂଶୀଧର ଦାସ, ବଡ଼ଖମାର ମଠର ମଠାଧୀଶ ନିତ୍ୟଗୋପାଳ ଦାସ, ଭଙ୍ଗାମୁଣ୍ଡା ମଠର ବାବା ହରେକୃଷ୍ଣ ଦାସ, ଚନ୍ଦଲି ମଠର ମଠାଧୀଶ, ମୁର୍ଛୁନି ମଠର ମଣି ନାଗେଶର ବାବା, ମଠ ପରିଚାଳନା ସହ ସଂଶ୍ଳିଷ୍ଟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଧେଶ୍ୟାମ ମଠର ବାବା ଶତୃଘ୍ନ ଦାସ, ସମାଜସେବୀ ଶ୍ରବଣ ଅଗ୍ରୱାଲ, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ତଥା ଶହସ୍ରାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଅସହାୟ ବୃଦ୍ଧଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ସୋନପୁର,୨୦।୨(ନି.ପ୍ର.): ସୁବର୍ଣ୍ଣପୁର ବୁଢାରାଜା ଯୁବକ ସଂଘର କର୍ମକର୍ତ୍ତାମାନେ ସୋମବାର ଅସହାୟ ବୃଦ୍ଧ ବିଦୁ ବିଦ୍ୟାଧର(୭୫)ଙ୍କ ଶବ ସତ୍କାର କରିଛନ୍ତି। ସୁବର୍ଣ୍ଣପୁର ସହର ଝୁପୁଡିପଡାରେ ରହୁଥିବା ବିଦୁ ଙ୍କର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ବିଦୁଙ୍କ ଶବ ସଂସ୍କାର କରିବାକୁ ସାହି ପଡୋଶୀ ଆସି ନଥିଲେ। ମୃତଦେହ ସେମିତି ପଡି ରହିଥିଲା। ବୁଢାରାଜା ଯୁବକ ସଂଘର ସଭାପତି ଶିବ ଶଙ୍କର ନାଏକ, ସମ୍ପାଦକ ଶୈଳେନ୍ଦ୍ର ବାରିକ୍, ସଭ୍ୟ ମନୋଜ ସେଠୀ, ରାମଚନ୍ଦ୍ର ସ୍ୱାଇଁ ଓ ସତ୍ୟବ୍ରତ ନାଏକଙ୍କ ସମେତ ସଂଘର ସଭ୍ୟ ମାନେ ବିଦୁଙ୍କୁ ମହାନଦୀ କୂଳ ଗୋକର୍ଣ୍ଣେଶ୍ୱର ଘାଟ ଶ୍ମଶାନକୁ ନେଇ ସମ୍ମାନର ସହ ସତ୍କାର କରିଛନ୍ତି । ପ୍ରକାଶ ଯେ, ବିଦୁଙ୍କ ଶରୀରରେ ଘା ହୋଇ ଯାଇଥିଲା। ଶଯ୍ୟାରେ ପଡି ରହିଥିଲେ। ତାଙ୍କ ଦେଖା ଶୁଣା କରିବାକୁ କେହି ନଥିଲେ। ବୁଢରାଜା ଯୁବକ ସଂଘର କର୍ମକର୍ତ୍ତାମାନେ ଗତ ୬ମାସ ଧରି ବିଦୁଙ୍କ ଖାଦ୍ୟ ପେୟର ବ୍ୟବସ୍ଥା ସହ ସେବା ଯତ୍ନ କରି ଆସୁଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଆଧୁନିକ ପ୍ରଣାଳୀରେ ଚାଷ, ଧାନକିଣାରେ ସଫଳତା

**୫ ଚାଷୀ ଓ ଜୟ ମା' ତୁଳସୀ ଏସ୍‌ଏଚ୍‌ଜି ସମ୍ବର୍ଦ୍ଧିତ**

ସୋନପୁର,୨୦।୨(ନି.ପ୍ର.)

ଆଧୁନିକ ପ୍ରଣାଳୀରେ ବିଭିନ୍ନ ପ୍ରକାର ଚାଷ କରି ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି ସୁବର୍ଣ୍ଣପୁର ଜିଲାର ୫ଜଣ ଚାଷୀ। ସେମାନେ ହେଲେ ସୋନପୁର ବ୍ଲକ ମୁକୁନ୍ଦପୁର ଗାଁର ରାଜେନ୍ଦ୍ର ବେହେରା, ତରଭା ବ୍ଲକ ଦେଉଳପଦର ଗାଁର ଦେବାଶିଷ ସାହା, ବିନିକା ବ୍ଲକ ଖଇରମାଳ ଗାଁର ବିନୟ ଛତର, ଡୁଙ୍ଗୁରିପାଲି ବ୍ଲକ ଜୀବନଦାଦର ଗାଁର ନାରାୟଣ ଭୋଇ ଓ ବୀରମହାରାଜପୁର ବ୍ଲକ ଖାରକୁମୁଣ୍ଡା ଗାଁର ବେଣୁଧର ନାଏକ। ରାଜେନ୍ଦ୍ରଙ୍କୁ ମୃତ୍ତିକା ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନ ମିଳିଛି। ଦେବାଶିଷଙ୍କୁ ଉନ୍ନତ ପ୍ରଣାଳୀରେ କୃଷି ପାଇଁ, ବିନୟଙ୍କୁ ଗୋପାଳନ, ନାରାୟଣଙ୍କୁ ମତ୍ସ୍ୟ ଚାଷ ଓ ବେଣୁଧରଙ୍କୁ ଉଦ୍ୟାନ କୃଷି ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବିନିକା ସହର ଜୁହ୍ନାପଡାର ଜୟ ମା' ତୁଳସୀ ମହିଳା ଏସ୍‌ଏଚ୍‌ଜି ମିଶନ ଶକ୍ତି ବିଭାଗ ପକ୍ଷରୁ ମହିଳା ସଶକ୍ତିକରଣ ପାଇଁ ସମ୍ବର୍ଦ୍ଧିତ ହୋଇଛି। ତୁଳସୀ ଏସ୍‌ଏଚଜି ଯୋଗାଣ ନିଗମ ଜରିଆରେ ଚାଷୀଙ୍କ ନିକଟରୁ ବାର୍ଷିକ ଦେଢ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରୁଛି। ଗତ ୨୦୨୨-୨୩ ଖରିଫ ଋତୁରେ ଏହି ଏସ୍‌ଏଚଜି ୩୨.୦୬କୋଟି ଟଙ୍କାର ବ୍ୟବସାୟ କରିଥିବାରୁ ଗୋଷ୍ଠିର ସମସ୍ତ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କୃଷି ମେଳା ଗତ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଭିନ୍ନ ଦିବସରେ ମନ୍ତ୍ରୀ, ସଚିବ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଅତିଥିଭାବେ ଯୋଗଦାନ କରି ସ୍ୱାବଲମ୍ବୀ ହୋଇଥିବା ଚାଷୀ ଓ ଧାନକିଣାରେ ଅଂଶଗ୍ରହଣ କରିଥିବା ମହିଳା ଏସ୍‌ଏଚ୍‌ଜିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତଙ୍କୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରା ଯାଇଥିଲା ।



ବିନିକା ମା ତୁଳସୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ବୌଦ୍ଧ, ୨୦।୨(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ପାଞ୍ଚ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କୁ ସୋମବାର ପ୍ରଦାନ କରାଯାଇଛି। ଦାବିପତ୍ରରେ ଓଡ଼ିଶାର ପ୍ରତି ପଞ୍ଚାୟତରେ ପ୍ରାଣୀଧନ ନିରୀକ୍ଷକ ଓ ତାର କ୍ୟାଡରମାନେ ପ୍ରାଣୀ ସମ୍ପଦର ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ ବିଭାଗର ୮୦ ଭାଗ କାର୍ଯ୍ୟ କରିଥାନ୍ତି। ଦୀର୍ଘ ବର୍ଷର ପୁରୁଣା ଭିତ୍ତିଭୂମି ଉପରେ ବହୁ କଷ୍ଟରେ କାର୍ଯ୍ୟ କରୁଛନ୍ତି। ବିଭାଗରେ ବିଭିନ୍ନ ବର୍ଗର କର୍ମଚାରୀମାନଙ୍କ ସୁବିଧା ସୁଯୋଗ ନିମନ୍ତେ ସରକାର ପଦକ୍ଷେପ ନେଇଥିଲେ ମଧ୍ୟ ଏମାନଙ୍କ କ୍ୟାଡର ପାଇଁ କୌଣସି ସୁବିଧା କରିନାହାନ୍ତି। ସଂଘର ଦୀର୍ଘ ଦିନର ଦାବି ପ୍ରାଣୀଧନମାନଙ୍କର ପାଇଁ ଥିବା ଦରମାରେ ଅସଙ୍ଗତ ଦୂର କରିବା, କ୍ୟାଡର ପୁନଃ ଗଠନ କରିବା, କ୍ୟାଡର ନିୟମ ସଂଶୋଧନ କରିବା, ଦୁଇ ବର୍ଷିଆ ଡିପ୍ଲୋମା ଓ ତାର ନାମକରଣ କରିବା, କାର୍ଯ୍ୟସାରଣୀ ସଂଶୋଧନ କରିବା ଆଦି ଦାବିକୁ ନେଇ ସଂଘ ସରକାରଙ୍କ ସମ୍ମୁଖରେ ଉପସ୍ଥାପନା କରି ଆସିଛି। ଫଳ ସ୍ୱରୁପ ୨୦୧୮ ଫେବୃଆରୀରେ ସଂଘ ତାର ତିନି ହଜାର କର୍ମଚାରୀଙ୍କୁ ନେଇ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଥିଲା। ସଂଘର ଆନ୍ଦୋଳନର ଦ୍ୱିତୀୟ ଦିନରେ ସରକାର ସଂଘ ସହ ଆଲୋଚନା କରି ଚାରିମାସ ମଧ୍ୟରେ ସଂଘର ଦାବିକୁ ପୂରଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଃଖର ଓ ପରିତାପର ବିଷୟ ଦୀର୍ଘ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ସମସ୍ତ ଦାବିକୁ ଉଦାସୀନତା ଦେଖାଇ ଆସିଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ସଂଘର ସରକାରଙ୍କ ଉଦାସୀନତା ପ୍ରତି ପ୍ରତିବାଦ ଜଣାଯାଇଥିଲା। ରାଜ୍ୟ ସଂଘ ନିଷ୍ପତ୍ତି ଅନୁଯାଇ ସୋମବାର ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଜିଲା ସଂଘର ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା, ଜିଲା ସଭାପତି ମନୋଜ ମହାପାତ୍ର, ସମ୍ପାଦକ ଅଶୋକ ଶତପଥି, ଉପସଭାପତି ସୁକାନ୍ତୀ ସିଂ, ସୁଚିତା ହୋତା ପ୍ରମୁଖ ସାମିଲ ଥିଲେ।


ସଂଘ ପକ୍ଷରୁ ସିଡିଭିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ଡୁଙ୍ଗୁରିପାଲି, ୨୦।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ୪୭ ପଞ୍ଜୀକୃତ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ବ୍ୟକ୍ତିଗତ ୩୮ ଓ ସାମୂହିକ ୯ଟି ଗ୍ରହଣ କରାଯାଇଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଡୁଙ୍ଗୁରିପାଲି ବିଡ଼ିଓ ତ୍ରିପୁର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାରରଞ୍ଜନ କହଁର, ଉପଜିଲାପାଳ ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶ୍ରମ ଅଧିକାରୀ ତୁଲେଶର ଖାଖା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୂଚନା ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।

# ଜଳନ୍ଧର ବିବାହ, ଯମପୁର ଆକ୍ରମଣ

ବିନିକା,୨୦।୨(ଡି. ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ମହୁଲପାଲିଠାରେ ମହାରୁଦ୍ରେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଚାଲିଥିବା ଜଳନ୍ଧର ରାଜର ସୋମବାର ଥିଲା ୩ୟ ସନ୍ଧ୍ୟା। ଏହି ଦିବସର ନାଟ୍ୟାଭିନୟରେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ କାଳନିୟୁତିକୁ ପରାସ୍ତ କରି ତାଙ୍କ କନ୍ୟା ବୃନ୍ଦାବତୀଙ୍କୁ ବିବାହ କରିଥିଲେ। ଏହାପରେ ଜଳନ୍ଧର ଯମପୁର ଆକ୍ରମଣ କରିବା ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଜଳନ୍ଧର ଦରବାରରେ ରାଜ ଅତିଥି ଭାବେ ଜିଲା ବିଜେଡ଼ି ଯୁବ ସଭାପତି ଅଶୋକ ନନ୍ଦ, ବୀରମହାରାଜପୁରରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବିନିକା ଉପାଧ୍ୟକ୍ଷ ନିର୍ମଳ ସାଣ୍ଡ, ଆମ୍ବା ଅଧ୍ୟକ୍ଷ ପ୍ରତାପ ଚାନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି କୃତିବାସ ମିଶ୍ର, ପାକ୍ସ ସଭାପତି ମନୋଜ ସାହୁ, ସରପଞ୍ଚ ରଜତ ପ୍ରଧାନ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ମନ୍ଦିର ପରିଚାଳନା କମିଟି ପଞ୍ଚାନନ ଦନ୍ତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କମିଟି ସମ୍ପାଦକ ଡିକେଶର ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରିଆ ରୁଦ୍ରେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ ।

# ଜେଲ ଗଲେ ଅଭିଯୁକ୍ତ ବାପା, ମା' ଓ ପୁଅ

**ଜମିବାଡି ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ଘଟଣା**

ଅମରପାଲି, ୨୦।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ କମିରା ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ପ୍ରକାଶ ବିଶ୍ୱାଳ(୨୨)ଙ୍କୁ ହତ୍ୟା କରାଯାଇଥିଲା । ଉକ୍ତ ଘଟଣାରେ ଅଭିଯୁକ୍ତ ମା',ବାପା ଓ ପୁଅଙ୍କୁ ଗିରଫ ପୋଲିସ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଶିବ ପଧାନ(୫୨), ତାଙ୍କ ସ୍ତ୍ରୀ ଦମୟନ୍ତି ପଧାନ(୪୯) ଓ ପୁଅ ଦୁଃଶାସନ ପଧାନ(୨୯)। ଅଭିଯୋଗମତେ କମିରା ଗ୍ରାମରେ ଏକ ସରକାରୀ ଜମିରେ ଅଭିଯୁକ୍ତ ଶିବ ପଧାନ ଦଖଲ କରିଥିଲେ। ଶନିବାର ସେହି ଜମିରେ ଶିବ ମାଟି କାମ କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଶିବ ସେହି ଜମିକୁ ଲାଗି ରହିଥିବା ଉକ୍ତ ଗ୍ରାମର ପ୍ରକାସ ବିଶ୍ୱାଳଙ୍କ ରୟତି ଜମିକୁ ମଧ୍ୟ ଦଖଲ କରିବାକୁ ଉଦ୍ୟମ କରୁଥିଲେ। ଏହାରୁ ପ୍ରତିବାଦ କରିବାରୁ ଶିବ, ତାଙ୍କ ସ୍ତ୍ରୀ ଦମୟନ୍ତି ଓ ପୁଅ ଦୁଃଶାନସନ ତାଙ୍କ ଉପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶଙ୍କ ମୃତ୍ୟୁ ହୋଇ ଯାଇଥିଲା। ହତ୍ୟାର ଶିକାର ପ୍ରକାଶଙ୍କ ମାମୁ ବାବୁଲାଲା ସାହୁଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(୨୭/୨୩) ରୁଜୁ ହୋଇଥିଲା।

# ଗୋ-ବନ୍ଧ୍ୟା ଚିକିତ୍ସା, ନିରାକରଣ ଶିବିର

ବାଉଁଶୁଣୀ, ୨୦।୨(ଡି.ଏନ୍.ଏ.)

ଗୋ-ବନ୍ଧ୍ୟା ଦୋଷ ଦୂରୀକରଣ ମାଧ୍ୟମରେ ଗୋ-ଚାଷୀଙ୍କୁ ଅଧିକ ଲାଭାନ୍ୱିତ କରିବା ଲକ୍ଷ୍ୟ ନେଇ ବୌଦ୍ଧ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଶିବିର କରାଯାଉଛି। ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟ ଅଧୀନସ୍ଥ ବାହାଯୋର ଗ୍ରାମରେ ସୋମବାର ଏକ ଗୋ-ବନ୍ଧ୍ୟା ଚିକିତ୍ସା ଓ ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରା ଓ ବୌଦ୍ଧ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସିକା ଡା. ସୋନାଲି ରାଉତ ଯୋଗଦେଇଥିଲେ। ଶିବିରରେ ୬୨ଟି ଗାଈର ଗର୍ଭ ପରୀକ୍ଷା କରାଯାଇ ସେମାନଙ୍କର ବନ୍ଧ୍ୟାଦୋଷ ନିରାକରଣ ନିମିତ୍ତ ଆବଶ୍ୟକ ଦରକାରୀ ଔଷଧ ବିତରଣ କରାଯାଇଥିଲା। ଶିବିରରେ ଯୋଗଦେଇ ବାହାଯୋର୍ ଦୁଗ୍ଧ ସମବାୟ ସମିତିରେ କ୍ଷୀର ଦେଉଥିବା ୩୬ଜଣ ଚାଷୀ ଉପକୃତ ହୋଇଥିଲେ। ଚିକିତ୍ସା ଶିବିର ଅନ୍ତେ ଚାଷୀମାନଙ୍କୁ ନେଇ ଏକ ସଚେତନତା ସଭା ହୋଇଥିଲା। ଯେଉଁଥିରେ ପ୍ରାଣୀମାନଙ୍କର ଗୋ-ପ୍ରଜନନ ଜନିତ ସମସ୍ୟାର ନିରାକରଣ ଓ ସବୁଜ ଘାସ ଚାଷ ଆଦି ବିଷୟରେ ଚାଷୀମାନଙ୍କୁ ସଚେତନ କରିବା ସହିତ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ବୌଦ୍ଧ ଦୁଗ୍ଧ ମାର୍ଗ ପରିଚାଳକ ଅମୂଲ୍ୟ ଓଝା ଶିବିରରେ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରାଣୀଧନ ନିରୀକ୍ଷକ ଦହ୍ୟା ସଚ୍ଚିଦାନନ୍ଦ ଖମାରୀଙ୍କ ସମେତ ମନୁପାଲି ମୈତ୍ରୀ ସୁଶୀଲ ପଣ୍ଡା, ଗୋ-ସ୍ୱେଚ୍ଛାସେବୀ ସୁଶାନ୍ତ ସେଠୀ, ସୁରଥ ପଢିଆରୀ, ଦିକ୍ଷୀତ କର୍ଣ୍ଣ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଗୋ-ବନ୍ଧ୍ୟା ଦୋଷ ଦୂରୀକରଣ ଶିବିରରେ ମଞ୍ଚାସୀନ ପ୍ରାଣୀ ଚିକିତ୍ସକ ଓ ଅନ୍ୟମାନେ।

# ବ୍ରାହ୍ମଣୀପାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଉଁଶୁଣୀ, ୨୦।୨(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବିଜାପଦର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବ୍ରାହ୍ମଣୀପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରାହ୍ମଣୀପାଲି ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ବାଘ, ସମ୍ମାନିତ ଅତିଥି ଭାବେ ବ୍ରାହ୍ମଣୀପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ମହାକୁଡ଼, ସିଆରସିସି ରବୀନ୍ଦ୍ର ଦେହୁରୀ, ୱାର୍ଡ ସଭ୍ୟ କୁନା ପ୍ରଧାନ, ଏସ୍‌ଏମ୍‌ସି ସଭାପତି ସୁଧୀର ବାରିକ ଓ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଯୋଶୀ ଦେଇ ଥିବାବେଳେ ଶିକ୍ଷକ ଗଙ୍ଗାଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ବିଭିନ୍ନ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ବନ୍ଦିତା ବିଶ୍ୱାଳ ଓ ଶିକ୍ଷକମାନେ ସହଯୋଗ କରିଥିଲେ।


ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଡ୍ୟାମ୍ କଲୋନୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବରଗଡ଼ ଅଫିସ,୨୦।୨

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୯ ଡ୍ୟାମ୍ କଲୋନୀ ପଡିଆରେ ସୋମବାର ସପ୍ତମ ବାର୍ଷିକ ଡ୍ୟାମ୍ କଲୋନୀ ପ୍ରିମିୟର ଲିଗ୍ (ଡିସିପିଏଲ) କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାଉନସିଲର ପ୍ରିୟା ତାଣ୍ଡି, ଜ୍ୟୋତ୍ସ୍ନା ପାଇକ, ପୂର୍ବତନ କାଉନସିଲର ସୁଜିତ ମହାନ୍ତି, ବରଗଡ଼ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ କମଲ ତାଣ୍ଡି ଓ ସାମାଜିକ କର୍ମୀ ଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନିରଦା ଦାଶ, ଉପେନ୍ଦ୍ର ଘିବେଲା, ଫିରୋଜ କନ୍ଧେର ଉପସ୍ଥିତ ଥିଲେ। ଆୟୋଜକ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।


ଅତିଥି ଓ ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ।

# ସାଧନା, ଅଧ୍ୟବସାୟରୁ ସଫଳତା ମିଳେ

ବରଗଡ଼ ଅଫିସ, ୨୦।୨

ବରଗଡ଼ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ଲାଉମୁଣ୍ଡା ଗ୍ରାମବାସୀଙ୍କ ସହଯୋଗରେ ସୋମବାର ଲାଉମୁଣ୍ଡା ଗୌରୀଶଙ୍କର ମହାବିଦ୍ୟାଳୟରେ ସାହିତ୍ୟପ୍ରାଣ କବି ଖଗେଶ୍ୱରଙ୍କ ପୁଣ୍ୟତିଥି ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ସୋମନାଥ ପଧାନ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ନାଟ୍ୟକାର ମୋହନ ସିଂଙ୍କ ଅଧ୍ୟକ୍ଷତାରେ ସାରସ୍ୱତ ସମାରୋହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁରେନ୍ଦ୍ର ବେରିଆ, କଲେଜ ସଭାପତି ଲଳିତ ମୋହନ ପାଢୀ, ସମ୍ପାଦକ କିଶୋର ମେହେର, କଲେଜର ଅଧ୍ୟକ୍ଷ ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଧନା ଓ ଅଧ୍ୟବସାୟରୁ ସଫଳତା ମିଳେ। ଉଚ୍ଚ ଡିଗ୍ରୀଧାରୀ ଯୁବକ ଯେ କେବଳ ଶିକ୍ଷିତ ଏହା କଦାପି ବିଶ୍ୱାସ ଯୋଗ୍ୟ ନୁହେଁ। ବରଂ ସ୍କୁଲର ଏରୁଣ୍ଡି ବନ୍ଧ ମାଡି ନ ଥିବା କବି ଖଗେଶ୍ୱର ନିଜ ସାଧନା ବଳରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ନାମ ଜ୍ୟୋତି ବିହାର ବୋଲି ନାମକରଣ କରିଥିଲେ। ପୁଣି ନିଜର ଲେଖନୀ ଶକ୍ତି ଯୋଗୁ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିଲେ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ସାମାଜିକ କର୍ମୀ ରାଧେଶ୍ୟାମ ମହାପାତ୍ରଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି ଦିଲୀପ କୁମାର ଦେବତା ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ରାଜେଶ୍ୱର ବେହେରା ଉତ୍ସବ ସଂଯୋଜନା ଏବଂ ଅଧ୍ୟାପିକା ରଶ୍ମିରେଖା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ଆଶୁତୋଷ ମେହେର ଓ ମକରଧ୍ୱଜ ମେହେରଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। କଳାକାର ହୃଷୀକେଶ ମେହେରଙ୍କ ଅଧ୍ୟକ୍ଷତାରେ କ୍ରାନ୍ତିକବି ହରିଲାଲ ସାହୁ, ରାମପ୍ରସାଦ ବାଗ, ଅଧିକାରୀ ସା, ସାମାଜିକ କର୍ମୀ ରଞ୍ଜିତ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କବି ଧାରୁଆ, ସାବିତ୍ରୀ ମେହେର, ଅଶ୍ୱିନୀ ସାହୁ, ଦିଲେଶ ମେହେର, ପବିତ୍ର ସାହୁ, ପ୍ରମୋଦ ମେହେର ପ୍ରମୁଖ ନିମନ୍ତ୍ରିତ କବିଗଣ ନିଜ ନିଜ କବିତା ପାଠ କରି ସାହିତ୍ୟପ୍ରାଣ କବି ଖଗେଶ୍ୱରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ କୁଇଜ ପ୍ରତିଯୋଗିତା ହୋଇଥିଲା। ପଙ୍କଜ ମେହେର, ମାନସ ପାଢୀ, ନେତ୍ରାନନ୍ଦ ମଟାରୀ, ତୁଳସୀରାମ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ସୀତାରାମ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



କବି ଖଗେଶ୍ୱରଙ୍କ ପୁଣ୍ୟତିଥି ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ସରଫଗଡ଼ଠାରେ ନେଚର କ୍ୟାମ୍ପ

ସୁନ୍ଦରଗଡ଼, ୨୦।୨(ଡି.ଏନ୍.ଏ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଇକୋ କ୍ଲବ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ସରଫଗଡ ଠାରେ ରବିବାର ପ୍ରକୃତି ପର୍ଯ୍ୟବେକ୍ଷଣ ଶିବିର ବା ନେଚରକ୍ୟାମ୍ପ ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗରୁ ଛାତ୍ରୀଛାତ୍ର ଯୋଗଦେଇଥିଲେ । ସରଫଗଡ ପରିବେଶ ପର୍ଯ୍ୟଟନସ୍ଥଳୀରେ ଆୟୋଜିତ ସଭାରେ ସୁନ୍ଦରଗଡ ଡିଏଫଓ ପ୍ରଦୀପ ମିରାସେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକୃତିର ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତରଞ୍ଜନ ସାହୁ ପରିବେଶ ସମ୍ପର୍କୀତ ଆଲୋଚନା କରି ମୃତ୍ତିକା ହେଉଛି ଆମ ଜୀବନର ଉତ୍ସ, ଏହାର ସୁରକ୍ଷା ଦିଗରେ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଇକୋ କ୍ଲବର ପରିଚାଳକ ତଥା ଆୟୋଜକ ଡ. ରତ୍ନେଶ ରଂଜନ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ରୁଙ୍ଗଟା ମାଇନସ କୋଇଡାର ଜଳବାୟୁ ବିଶେଷଜ୍ଞ ଡ. ପୃଥୀରାଜ ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପ୍ରକୃତିକୁ କିଭଳି ବଞ୍ଚାଇ ରଖିବା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ଉଦ୍ୟାନ ବିଭାଗର ଅଧିକାରୀମାନେ ଯୋଗଦେଇ ବୃକ୍ଷରୋପଣ ଓ ରକ୍ଷାଣବେକ୍ଷଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରକୃତି ଓ ପରିବେଶ ସମ୍ପର୍କରେ ସାଧାରଣଜ୍ଞାନ, ପ୍ରାକୃତିକ ସମ୍ପଦର ସୁରକ୍ଷାରେ ଯୁବ ସମାଜର ଦାୟିତ୍ୱ ଶୀର୍ଷକରେ ପ୍ରବନ୍ଧ ଏବଂ ଆମ ପ୍ରାକୃତିକ ସରଫଗଡ ଶିବିର ଶୀର୍ଷକରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡିକର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ବିଭାଗୀୟ ଅଧିକାରୀ ପ୍ରଦୀପ କୁମାର ବହିଦାର ଧନ୍ୟବାଦ ଦେଇଥିଲେ।

### କୁଆଁରମୁଣ୍ଡାରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

କୁଆଁରମୁଣ୍ଡା,୨୦।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ସାଢେ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣିରେ ସର୍ବମୋଟ ୮୭ଟି ଅଭିଯୋଗ ଆସିଥିଲାବେଳେ ୧୪ଟିର ଘଟଣା ସ୍ଥଳରେ ଜିଲାପାଳ ଡ. ଗଭାଲି ପରାଗ ହର୍ଷଦ ସମାଧାନ କରିଥିଲେ। ୮୭ ଅଭିଯୋଗ ମଧ୍ୟରୁ ୫୨ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୩୫ଟି ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ଜିଲାପାଳ ଡ ହର୍ଷଦଙ୍କ ସହ ରାଉରକେଲା ଏସପି ମୁକେଶ କୁମାର ଭାମୁ, ରାଉରକେଲା ଏଡିଏମ ଅଭିମନ୍ୟୁ ବେହେରା, ଡିଏଫ୍ଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝି, ସିଡିଏମଓ ଡ଼ ସରୋଜ ମିଶ୍ର, ଡିଇଓ ଅମୂଲ୍ୟ ପ୍ରଧାନ, ସିଡିଭିଓ ଡ ସୁବାସ ଚନ୍ଦ୍ର ପ୍ରଧାନ, ପିଡବ୍ଲୁଡି, ଆରଡ଼ି, ବିଦ୍ୟୁତ୍ ବିଭାଗ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେରକେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ମଧ ଏହି ଶିବିରରେ ଉପସ୍ଥିତ ଥିଲେ। କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, ଡାଇରୀ ଫାର୍ମ ଅଧିକ୍ଷକ ଡ ଶୁଭେନ୍ଦୁ ଘୋଷ, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ ଶ୍ରୀମନ୍ତ ପଟ୍ଟନାୟକ ପ୍ରମୁଖ ମଧ ଉପସ୍ଥିତ ଥିଲେ। ଏହି ଶିବିରରେ କୁଆଁରମୁଣ୍ଡା ବିଡ଼ିଓ ତୃପ୍ତି ବରାଇଙ୍କ ସହ ଏବିଡ଼ିଓ ପ୍ରଶାନ୍ତ ଜେନା ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

### ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା

ଲାଞ୍ଜିଗଡ଼,୨୦।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନାରେ ନୂତନ ଭାବେ ଇନ୍ସପେକ୍ଟର ମମତା ହେମ୍ବ୍ରମ ଯୋଗ ଦେଇଛନ୍ତି। ସୋମବାର ତାଙ୍କୁ ବିଭିନ୍ନ ବର୍ଗର ଲୋକେ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ ଜଣାଇଛନ୍ତି। ବ୍ଲକ ବିଜେଡି ପକ୍ଷରୁ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘ ପୂର୍ବତନ ବ୍ଲକ ଉପାଧକ୍ଷ ତଥା ପାହା ସମିତିସଭ୍ୟ ଜଗଦୀଶ ବେନିଆଁ, ତରୁଣ କୁମାର ଦାସ, ମନୋରଞ୍ଜନ ବିଶି, ଯୁବନେତା ଦେବାଶିଷ ରଞ୍ଜନ ବିଶି, ବନ ଦଳେଇ, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି ପ୍ରମୁଖ ନୂତନ ଥାନାଧିକାରୀଙ୍କୁ ସାକ୍ଷାତ କରି ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

# ନିର୍ବାଚନ ଖର୍ଚ୍ଚ ବାହାର କରିବାରେ ବ୍ୟସ୍ତ ନେତା, ନେତ୍ରୀ

- ଦୋଷ ଲଦାଲଦିରେ ବ୍ୟସ୍ତ ନେତା, କର୍ମୀ
- ଦେବଗଡ଼ ଉନ୍ନତି କଥା କାହାରି ଚିନ୍ତା ନାହିଁ
- ଦେବଗଡ଼ ରାଜନୀତିର ଭିତିରିଆ କଥା
- ଆଗାମୀ ନିର୍ବାଚନରେ ଜବାବ ଦେବେ ଭୋଟର

ଦେବଗଡ଼, ୨୦।୨(ଡି.ଏନ୍.ଏ.)

ଜିଲାର ଏକମାତ୍ର ନିର୍ବାଚନ ମଣ୍ଡଳୀ ଦେବଗଡ଼। ତିନି ବ୍ଲକର ୭୦ପଞ୍ଚାୟତ ଏବଂ ଦେବଗଡ଼ ପୌରପାଳିକାର ୧୧ଟି ୱାର୍ଡକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ। ହେଲେ ରାଜନୀତିର ପଶାପାଲିରେ ଆଜି ଏହି ନିର୍ବାଚନ ମଣ୍ଡଳୀ ଓ ଜିଲା ବହୁ ପଛରେ ପଡ଼ିଛି। ରାଜ୍ୟର ଅନ୍ୟ ଜିଲା ଯେଉଁପରି ବିକାଶ କରି ଚାଲିଛି, ତାହା ଏଠାରେ ପରିଲକ୍ଷିତ ହେଉନାହିଁ। ହେଲେ ସୋସିଆଲ ମିଡିଆରେ ଉନ୍ନତିର ସୁନେଲି ସ୍ୱପ୍ନ କେତେଜଣ ରାଜନେତା ବାଣ୍ଟି ଚାଲିଛନ୍ତି। କିନ୍ତୁ ଜିଲାର ଉନ୍ନତି ନାହିଁ। ସତେ ଯେପରି ଦେବଗଡ଼ ଉନ୍ନତି କଥା କାହାରି ଚିନ୍ତା ନାହିଁ।

ଦେବଗଡ଼ ରାଜନୀତିରେ ପଞ୍ଚାୟତଠାରୁ ପୌରପାଳିକା ଅବା ଜିଲା ପରିଷଦଠାରୁ ବିଧାନସଭା ନିର୍ବାଚନ ସବୁଥିରେ ଜିତିଲା ପରେ ନେତା, ନେତ୍ରୀମାନେ ଜିତିବା ପାଇଁ ଯେତିକି ଖର୍ଚ୍ଚ ହୋଇଛି ସେହି ଖର୍ଚ୍ଚକୁ କେମିତି ଶୀଘ୍ର ଭରଣା କରିବେ ରାତିଦିନ ଚିନ୍ତା କରୁଛନ୍ତି। ଜିଲାର ଉନ୍ନତି କଥା ଚିନ୍ତା କରିବାକୁ ସମୟ ନାହିଁ। ଯେଉଁଟା ବି ଉନ୍ନତିକରଣ କାର୍ଯ୍ୟ ହେଉଛି ତାହା ସରକାରଙ୍କ ପକ୍ଷରୁ ହିଁ ହେଉଛି। ସେତିକିରେ ହିଁ ନେତାମାନେ ସନ୍ତୁଷ୍ଟ। ଅନ୍ୟପକ୍ଷରେ ଜିତିଥିବା ନେତାମାନଙ୍କର ଜିଲାର ଉନ୍ନତି ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା କାହାରି ଚିନ୍ତାରେ ନାହିଁ। କେବଳ ଆରୋପ, ପ୍ରତ୍ୟାରୋପରେ ନେତାମାନେ ବ୍ୟସ୍ତ। ସେଇଟା ବି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି। ଫଳରେ ଅନ୍ୟ ଜିଲା, ଓଡ଼ିଶାର ଲୋକ ଦେବଗଡ଼ ରାଜନୀତିର ଭିତିରି କଥା ଦେଖି ଚର୍ଚ୍ଚା କରୁଥିବା ଜଣାପଡ଼ିଛି। ଜିଲାର କଥା ପଦାରେ ପଡିଲେ ବି ଦେବଗଡ଼ର ନେତାମାନଙ୍କୁ କିଛି ଫରକ ପଡେ ନାହିଁ। ନିର୍ବାଚନ ଖର୍ଚ୍ଚ କେମିତି ଉଠାଇବେ ସେଥିପାଇଁ ବାଟ ଖୋଜନ୍ତି। ନିଜେ ଠିକାଦାର ସାଜନ୍ତି କିମ୍ବା ନିଜ ଲୋକଙ୍କୁ ଠିକାଦାରୀ କାମ ଦିଅନ୍ତି। ଖାଲି ଏତିକି ନୁହେଁ, ନେତାଙ୍କ ନିଜସ୍ୱ ଫଣ୍ଡକୁ କିଛି ଶତକଡାରେ ପିସି ନେଇ ଚୁପ ହୋଇ ରହିଯାଆନ୍ତି। ଏପରିକି କିଛି କର୍ମୀ ଠିକା କାମ ପାଇ ନ ଥିବାରୁ ଅସନ୍ତୁଷ୍ଟ ଥିବା ଦେଖିବାକୁ ମିଳିଛି। ଆଉ କେତେକ କାମକୁ ନିଜର ପଦବୀର ପାୱାର ବଳରେ ବିନା କାମରେ ମିଥ୍ୟା ବିଲ୍ କରିଦେବା, କିଛି ସରକାରୀ, ବେସରକାରୀ ଅନୁଷ୍ଠାନରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରିବା ମଧ ସୂଚନା ମିଳିଛି। ଯଦି ଶାସକ ଦଳ କିମ୍ବା ବିରୋଧୀ ଦଳ କୌଣସି ଘଟଣାକୁ ନେଇ ସୋସିଆଲ ମିଡିଆ, ଫେସ ବୁକ୍‌ରେ ପୋଷ୍ଟ କରୁଛନ୍ତି ତାହା ହେଲେ ଦୁଇ ଦଳ ମଧ୍ୟରେ ସୋସିଆଲ ମିଡ଼ିଆରେ ଆରମ୍ଭ ହେଉଛି କମେଣ୍ଟ ଯୁଦ୍ଧ। କିଛି ନେତା ଫେକ୍ ଫେଶବୁକ୍ ଖୋଲି ଏମିତି କମେଣ୍ଟ ଦେଉଛନ୍ତି ଯାହା କହିହେବ ନାହିଁ କି ପଢି ହେବ ନାହିଁ। ତେଣୁ ଏଭଳି କମେଣ୍ଟରୁ ନିବୃତ୍ତ ରହି ସମସ୍ତେ ଦେବଗଡ଼ର ଉନ୍ନତି କଥା ଚିନ୍ତା କରିବାର ବେଳ ଆସିଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଆଉ କିଛି ନେତା କର୍ମୀ ଅଛନ୍ତି ସେମାନେ ସୋସିଆଲ ମିଡିଆରେ ଜ୍ଞାନ ବାଣ୍ଟିବାରେ ବ୍ୟସ୍ତ। ଯେଉଁ ଜ୍ଞାନ ବାଣ୍ଟୁଛନ୍ତି ସେଇଟା ଯଦି ନିଜ କାମରେ ଲଗାଇବେ କିଛିଟା ହେଲେ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ହେଉଛି। ଜିଲାର ଜନସାଧାରଣ ଏବେ ଚା, ପାନ ଦୋକାନ, ମାର୍କେଟରେ ଚର୍ଚ୍ଚା କରୁଛନ୍ତି ଏମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଥିଲୁ କିନ୍ତୁ କିଛି ଫଳପ୍ରଦ ହେଉ ନାହିଁ। ଆଗକୁ ପୁଣି ଆସୁଛି ବିଧାନସଭା ନିର୍ବାଚନ। ବର୍ତ୍ତମାନ ଠାରୁ ନେତା, ନେତ୍ରୀ କର୍ମୀମାନେ ଲବି କରିବାରେ ଲାଗି ପଡ଼ିଲେଣି। କିନ୍ତୁ ଆସନ୍ତା ନିର୍ବାଚନରେ ଜିଲାର ସଚେତନ ଭୋଟର ଠିକ ନେତା ବାଛିବେ ଏବଂ ଉଚିତ ଜବାବ ଦେବାକୁ ପ୍ରସ୍ତୁତ ହେଲେଣି।

## ସିଟିସ୍ପୋର୍ଟସ କାର୍ନିଭାଲ ଅଫିସିଆଲଙ୍କୁ ମିଳିନି ପ୍ରାପ୍ୟରାଶି

ରାଉରକେଲା ଅଫିସ,୨୦।୨

ହକି ବିଶ୍ୱକପ୍‌କୁ ଉତ୍ସାହିତ କରିବା ପାଇଁ ରାଉରକେଲାରେ ସିଟିସ୍ପୋର୍ଟସ କାର୍ନିଭାଲ ଆୟୋଜିତ ହୋଇଥିଲା। ଏହି କାର୍ନିଭାଲରେ ଖେଳ ପରିଚାଳନା କରିଥିବା ଅଫିସିଆଲମାନଙ୍କୁ ୨ ମାସ ପରେ ବି ସେମାନଙ୍କ ପ୍ରାପ୍ୟରାଶି ମିଳି ନ ଥିବା ଜଣାପଡ଼ିଛି। ରାଉରକେଲାରେ ହକି ବିଶ୍ୱକପ୍ ପୂର୍ବରୁ ଜିଲା ପ୍ରଶାସନ ଓ ଆରଏମ୍‌ସି ପକ୍ଷରୁ ୨୦୨୨ ଡିସେମ୍ବର ୮ରୁ ୨୧ତାରିଖ ଯାଏ ସିଟିସ୍ପୋର୍ଟସ କାର୍ନିଭାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ସଙ୍ଗଠନ ସହାୟତାରେ ୫ଟି ଖେଳ ହୋଇଥିଲା। ଏହି କ୍ରମରେ ଫୁଟବଲ ଖେଳ ପାଇଁ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଏବଂ କଳିଙ୍ଗ ସ୍ପୋର୍ଟସ ଫେଡେରଶନ, ଭଲିବଲ ପାଇଁ ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନ ଓ ରାଇଜିଂ କ୍ଲବ, କବାଡି ପାଇଁ କଳିଙ୍ଗ ସ୍ପୋର୍ଟସ ଫେଡେରେଶନ ଓ ସୁନ୍ଦରଗଡ କବାଡି ଡେଭଲପମେଣ୍ଟ ସଂଘ, ହକି ପାଇଁ ଭେଟେରାନ ହକି ସଂଘ ଓ ଖୋଖୋ ପାଇଁ ପାନପୋଷ କ୍ରୀଡା ସଙ୍ଗଠନ ରହିଥିଲେ। ଉକ୍ତ ସଙ୍ଗଠନଗୁଡିକର ପ୍ରତ୍ୟକ୍ଷ ସହଯୋଗ କ୍ରମେ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ସିଟିସ୍ପୋର୍ଟସ କାର୍ନିଭାଲ ଆୟୋଜିତ ହୋଇଥିଲା। ଖେଳ ଆୟୋଜନର ପୂର୍ବରୁ ମହାନଗର ନିଗମ ପକ୍ଷରୁ ଏକାଧିକ ବୈଠକ ଜରିଆରେ ଖେଳର ଆୟୋଜନ ଏବଂ ଆବଶ୍ୟକ ବ୍ୟବସ୍ଥା ମଧରେ ଯେଭଳି ଖେଳ ହେବ ତାହା ନିଷ୍ପତ୍ତି ନିଆଯାଇଥିଲା। ଏହି ଅନୁସାରେ ବିଜେତା ଏବଂ ଉପବିଜେତା ଦଳକୁ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ ସହ ଉକ୍ତ ୫ଟି ଖେଳର ପରିଚାଳକ ଓ ସଞ୍ଚାଳକ ରହିଥିବା ରେଫରୀ, ଅମ୍ପାୟାର ଏବଂ ଅଫିସିଆଲମାନଙ୍କୁ ମଧ ଅର୍ଥରାଶି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ମହାନଗର ନିଗମ ପକ୍ଷରୁ ଅଫିସିଆଲଙ୍କଠାରୁ ସେମାନଙ୍କ ବ୍ୟାଙ୍କ ଖାତା ସଂଗ୍ରହ କରାଯାଇଥିଲା। ମାତ୍ର ଖେଳ ଶେଷ ହେବାର ୨ମାସ ବିତିସାରିଥିଲେ ମଧ ସିଟିସ୍ପୋର୍ଟସ କାର୍ନିଭାଲରେ ସହଯୋଗ କରିଥିବା ଶତାଧିକ ରେଫରୀ, ଅମ୍ପାୟାର ଓ ଅଫିସିଆଲଙ୍କ ବ୍ୟାଙ୍କ ଖାତାରେ ଏଯାଏ ଖେଳ ପରିଚାଳନା ବାବଦ ଅର୍ଥରାଶି ପୈଠ ହୋଇନାହିଁ। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସୁଧାଂଶୁ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ସମସ୍ତ ଅଫସିଆଲଙ୍କ ବ୍ୟାଙ୍କ ପାସବୁକ୍ ସଂଗ୍ରହ ହୋଇଛି । ସମସ୍ତଙ୍କୁ ସେମାନଙ୍କ ପ୍ରାପ୍ୟ ନିଶ୍ଚିତ ପ୍ରଦାନ କରାଯିବ। ମାତ୍ର ପ୍ରାପ୍ୟରାଶି ପ୍ରଦାନ ହେବା ନିର୍ଦ୍ଦିଷ୍ଟ ତାରିଖ କୁହାଯାଇପାରିବ ନାହିଁ ବୋଲି ସେ କହିଥିଲେ।

## ୮ ଡକାୟତ ଗିରଫ, ମାରଣାସ୍ତ୍ର ଜବତ



ରାଜଗାଙ୍ଗପୁର ପୋଲିସ ଦ୍ୱାରା ଗିରଫ ଡକାୟତ।

**ଡକାୟତି ମାମଲାରେ ରାଜଗାଙ୍ଗପୁର ପୋଲିସକୁ ସଫଳତା**

ରାଜଗାଙ୍ଗପୁର, ୨୦।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ବାଇପାଶ ଠାରେ ଥିବା କ୍ରୀଷ୍ଣା ପାୱାର ଗୋଦାମରୁ ବନ୍ଧୁକ ସହ ଅନ୍ୟ ମାରଣାସ୍ତ୍ର ଦେଖାଇ ଇଲେକ୍ଟ୍ରିକ ଓ୍ୱାର (କନଡକଟର)ଡକାୟତି ଘଟଣାରେ ରାଜଗାଙ୍ଗପୁର ପୋଲିସ ୮ଜଣ ଡକାୟତଙ୍କ ସହ ଡକାୟତି ଜିନିଷ କିଣିଥିବା ବ୍ୟକ୍ତିକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ ଟାଟା ପାୱାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ କ୍ରିଷ୍ଣା ପାୱାରକୁ ଠିକା ଦେଇଥିବାବେଳେ କ୍ରିଷ୍ଣା ପାୱାର ଜାମିପଲ୍ଲୀ ବାଇପାସଠାରେ ତାଙ୍କ ବ୍ୟବହାର ସାମଗ୍ରୀ ରଖି ଗୋଦାମ କରିଥିଲେ । ଗତ ୧୭ ତାରିଖ ରାତି ୨ଟାବେଳେ ରାଜଗାଙ୍ଗପୁର ଜାମପାଲି ବଡ଼ ଗୁଡ଼ ଓ କୁତ୍ରା ଥାନା ଅନ୍ତର୍ଗତ ଝାରବେଡାର ୮ ଜଣ ଦୁର୍ବୃତ୍ତ ପିସ୍ତଲ ଖଣ୍ଡା ଲୁହାରଡ଼ ଲାଠି ନେଇ ଗୋଦାମରେ ଥିବା କର୍ମଚାରୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ସେଠାରେ ଥିବା ଟାଟା ପିକଅପ୍ ଭ୍ୟାନ ନମ୍ବର ଓଡି ୦୫ ବିଜେ ୨୮୮୨ ରେ ଥିବା ଏକ ଟନ ୩୦ କେଜି ଇଲେକଟ୍ରିକ ଓ୍ୱାର କନଡକଟର ନେଇ କିଛି ରାସ୍ତା ଯିବା ପରେ ଓଡି ୧୪ଏ ଏ ୨୬୫୩ ମହେନ୍ଦ୍ରା ପିକଅପ ଭ୍ୟାନରେ ଅନଲୋଡ଼ କରି ତେତେରକେଲା ଜଙ୍ଗଲରେ ଗାଡି ସହ ରଖିଦେଇଥିଲେ। ଡକାୟତି ସାମଗ୍ରୀକୁ ରାଉରକେଲା ନିକଟ ବେଦବ୍ୟାସ ନେଇ ବିକ୍ରି କରି ଦେଇଥିଲେ। ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ରାଜଗାଙ୍ଗପୁର ଆଇଆଇସି ବିଭସ କୁମାର ପ୍ରଧାନ କାଂଶବାହାଲ ଫାଣ୍ଡି ଅଧିକାରୀ ଖଗେଶ୍ୱର ବିଶ୍ୱାଳ ଥାନା ଏସ୍‌ଆଇ ରତିକାନ୍ତ ପରିଡା, ଦେବଗ୍ରାହୀ ମହାନ୍ତି, ହରପ୍ରିୟା ମାଝୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚିତ୍ରସେନ ଲାକ୍ରା, ମହେନ୍ଦ୍ର କୁଜୁର, ମିନକେତନ କୁଜୁର, ଭୂଷଣ ଲାକ୍ରା, କିରଣ ବାଗ, ଶୁଭମ ସାହୁ, ଦୀପକ ନାୟକ, କୁନ୍ଦନ ସା ଓ ଚୋରୀ ସାମଗ୍ରୀ କିଣିଥିବା ବେଦବ୍ୟାସ ଛକର ଗୁଡ୍ଡୁ ଶର୍ମାଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲେ। ସେମାନଙ୍କ ଠାରୁ ଡକାୟତି ସାମଗ୍ରୀ ଜବତ କରିବା ସହ,୨ଟି ପିକଅପ୍ ଭ୍ୟାନ, ଗୋଟିଏ ଖଣ୍ଡା, ଗୋଟିଏ ଛୁରି, ଲୁହା ରଡ, ୪ଟି ମୋବାଇଲ ଜବତ କରିଛି। ସ୍ଥାନୀୟ ଏସ୍‌ଡିପିଓ ଅଭିଷେକ କୁମାର ପାଣିଗ୍ରାହୀ ଏକ ପ୍ରେସବାର୍ତ୍ତା ଦେଇ ଏହା ପ୍ରକାଶ କରିଛନ୍ତି।

## ଆଦିବାସୀ ନୃତ୍ୟ ପ୍ରତିଯୋଗିତା

ଟେନ୍‌ସା:୨୦।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ସେଲ ଅଧୀନସ୍ଥ ବରସୁଆଁ ଲୌହ ଖଣି ଦାୟିତ୍ୱବୋଧ ବିଭାଗ ତଥା ସିଏସ୍‌ଆର ତରଫରୁ ଆଦିବାସୀ ନୃତ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସିଏସ୍‌ଆର ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପାରିପାର୍ଶ୍ୱିକ ଅଞ୍ଚଳର ୮ନୃତ୍ୟ ଦଳ ଯୋଗ ଦେଇଥିଲେ। ଟେନ୍‌ସା ଇସ୍ପାତ ଷ୍ଟାଡିୟମଠାରେ ଆଦିବାସୀ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ସିଜିଏମ୍ ଇନଚାର୍ଜ ପି.କେ ରଥ ,ବରସୁଆଁ ଲୌହ ଖଣି ମହାପ୍ରବନ୍ଧକ ଭାରପ୍ରାପ୍ତ ଅଧିକାରୀ ତିଳକ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଟେନ୍‌ସା ସରପଞ୍ଚ ଅନିତା ପୂର୍ତ୍ତୀ, ଜିନ୍ଦଲ ଷ୍ଟିଲ ପାୱାର ପ୍ରଶାସନ ବିଭାଗର ସୁଦାମ ମହାକୁଡ଼, ପ୍ରମିଳା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟ ଦଳ ମଧରେ ସରୁଲ ଟିମ୍ ପ୍ରଥମ, ଜିଓନ ଜ୍ୟୋତି ଟିମ୍ ଦ୍ୱିତୀୟ, ମାଲଦା ସୁସନ ଟିମ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ୧ମ ବିଜେତାଙ୍କୁ ଟ୍ରଫି ୬ହଜାର, ୨ୟ ବିଜେତା ଟ୍ରଫି ୫ ହଜାର, ୩ ୟ ବିଜେତାଙ୍କୁ ୪ହଜାର ଓ ଅନ୍ୟ ନୃତ୍ୟ ଦଳକୁ ୨ହଜାର ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ। ବରସୁଆଁ ଲୌହଖଣି ପକ୍ଷରୁ କୃଷ୍ଣଚନ୍ଦ୍ର ରାଉତ, ହରମୋନ ଲାକ୍ରା, ବିଷକାଳ ସିନ୍ଧୁରୀ, ରୋବଟ ଟପ୍ପୋ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ପରିଚାଳନା କରିଥିଲେ।




ଆଦିବାସୀ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

## ରାଜଗାଙ୍ଗପୁରରେ ଇ-ଲାଇବ୍ରେରି ଉଦ୍‌ଘାଟିତ



ଇ-ଲାଇବ୍ରେରି ଉଦ୍‌ଘାଟନ ସମୟରେ ଉପସ୍ଥିତ ଆଇନଜୀବୀ।

ରାଜଗାଙ୍ଗପୁର, ୨୦।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓକିଲ ସଂଘର ଲାଇବ୍ରେରୀରେ ସୋମବାର ଇ-ଲାଇବ୍ରେରୀ ଉଦ୍‌ଘାଟିତ ହୋଇଯାଇଛି। ଏହି ଇ-ଲାଇବ୍ରେରୀକୁ ଭର୍ଚୁଆଲ ମୋଡ ମାଧମରେ ଅପରାହ୍ନରେ ଉଦ୍‌ଘାଟନ କରିଥିଲେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ କେ.ଏମ ଜୋସେଫ। ଏହି ଅବସରରେ ଏକ ଭର୍ଚୁଆଲ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାକାର୍ଯ୍ୟକୁ ଓଡ଼ିଶା ହାଇକୋର୍ଟର ରେଜିଷ୍ଟର ପ୍ରତାପ କୁମାର ପାତ୍ର ପରିଚାଳନା କରିଥିଲେ। ଓଡିଶା ହାଇକୋର୍ଟର ଲାଇବ୍ରେରୀ କମିଟି ଅଧକ୍ଷ ବିଚାରପତି ଏସ୍.କେ ସାହୁ ସ୍ୱାଗତ ଭାଷଣ ରଖିଥିଲେ। ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ. ମୁରଲିଧର ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ କେ.ଆର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଇ-ଲାଇବ୍ରେରୀ ଉଦ୍‌ଘାଟନ ସମୟରେ ରାଜଗାଙ୍ଗପୁରରେ ରାଜଗାଙ୍ଗପୁର ସିଭିଲ ଜଜ ସିନିୟର ଡିଭିଜନ ସସ୍ମିତା ନାଏକ, ଜେଏମ୍‌ଏଫସି ଶ୍ରୀୟା ରତୂପର୍ଣ୍ଣା ସାହୁ, ଓକିଲ ସଂଘ ସଭାପତି ପ୍ରଳୟ ହାଜରା, ଉପସଭାପତି ଅଶୋକ ପାଣି, ସମ୍ପାଦକ ରବୀନ୍ଦ୍ର ଦାଶ, ବିରେନ୍ଦ୍ର ରାଉତରାୟ,ବିକାଶ ସରପଟିଆ, ଅର୍ଚ୍ଚନା ମୁଦୁଲିଙ୍କ ସହ ସଂଘର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ମନ୍ଦିରରେ ମହାଶିବରାତ୍ରି ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଦେବଗଡ଼, ୨୦।୨(ଡି.ଏନ୍.ଏ.)



ମହାଶିବରାତ୍ରି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ପବିତ୍ର ମହାଶିବରାତ୍ରି ଅବସରରେ ତିଲେଇବଣି ବ୍ଲକ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତର ନିକ୍ତିମାଳସ୍ଥିତ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରରେ ପବିତ୍ର ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ କମିଟି ପକ୍ଷରୁ ୪ଦିନ ଧରି ମହୋତ୍ସବ ପାଳିତ ହେଉଛି। ପ୍ରଥମ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ କମିଟି ପକ୍ଷରୁ ସଂକୀର୍ତ୍ତନ ସହିତ ଭଜନ ସମାରୋହ ଏବଂ ଅପେରା ଶୋ’ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଅନୁରୂପ ଭାବେ ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସମ୍ବଲପୁରୀ ଅର୍କେଷ୍ଟ୍ରା ଏବଂ ଅପେରା ଶୋ’ ପ୍ରଦର୍ଶିତ ହୋଇଥିଲା। ପରିବେଷିତ ସମ୍ବଲପୁରୀ ନୃତ୍ୟ ଗୀତର ତାଳେ ତାଳେ ଦର୍ଶକ ଝୁମି ଉଠୁଥିବା ଦେଖିବାକୁ ମିଳିଥିଲା। କମିଟିର ସଭାପତି ଚନ୍ଦ୍ରଶେଖର ପ୍ରଧାନଙ୍କ ସଭାପତିତ୍ୱ ଓ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ପ୍ରଧାନ, ସିଦ୍ଧାର୍ଥ ଗୁରୁ ଓ ସଞ୍ଜୀବ କୁମାର ପାଣିଗ୍ରାହୀ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ସଞ୍ଜୀବ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସିନ୍ଧୁ ଚରଣ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଆୟୋଜକ ଏବଂ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କମିଟିର ସମ୍ପାଦକ ଧୃବଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଧର୍ମାନ୍ତରୀକରଣ କାର୍ଯ୍ୟ ଚାଲିଛି: ତୋଗାଡ଼ିଆ

ସୁନ୍ଦରଗଡ଼,୨୦।୨(ଡି.ଏନ୍.ଏ)

ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରର ଲୋଭ ଦେଖାଇ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଧର୍ମାନ୍ତରୀକରଣ କାର୍ଯ୍ୟ ସହ ବାଲାଂଦେଶକୁ ବେଆଇନ ଭାବେ ଗୋ-ଚାଲାଣ ହେଉଛି। ଏହାକୁ ରୋକିବା ଦିଗରେ କେନ୍ଦ୍ର ସରକାର ଓ ସୀମା ସୁରକ୍ଷା ବାହିନୀଙ୍କ ଗୁରୁ ଦାୟିତ୍ୱ ରହିଛି। ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ରାଜ୍ୟରୁ ବେଧଡକ ଭାବେ ହଜାର ହଜାର ସଂଖ୍ୟାରେ ଏହି ଗୋ-ଚାଲାଣ କରାଯାଇ ସେଠାରେ ହତ୍ୟା କରାଯାଉଛି। ସରକାରୀ ବିଫଳତା ଯୋଗୁ ସାଧାରଣ ନାଗରିକ ଏହି ଚାଲାଣକୁ ବିରୋଧ କରୁଛନ୍ତି। ଫଳରେ ଅନେକ ସ୍ଥାନରେ ଏନେଇ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧକ୍ଷ ଡ. ପ୍ରବୀଣ ଭାଇ ତୋଗାଡିଆ ପ୍ରକାଶ କରିଛନ୍ତି। ଡ. ତୋଗାଡିଆ ୩ଦିନିଆଁ ସୁନ୍ଦରଗଡ଼ ଗସ୍ତରେ ଆସି ସୋମବାର ଅପରାହ୍ନରେ ସ୍ଥାନୀୟ ସର୍କିଟହାଉସ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରର ଲୋଭ ଦେଖାଇ ଦେଶର ଧର୍ମାନ୍ତରୀକରଣ କାର୍ଯ୍ୟ ଚାଲିଛି। ଓଡିଶାରେ ଧର୍ମାନ୍ତରୀକରଣ ଆଇନ୍ ଥିଲେ ମଧ୍ୟ ଏଦିଗରେ ରାଜ୍ୟ ସରକାର କାହିଁକି



ଖବରଦାତା ସମ୍ମିଳନୀରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଅଧକ୍ଷ ତୋଗାଡିଆ ଓ ଅନ୍ୟମାନେ ।

ଚୁପ୍ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ସେ ଉଦ୍‌ବେଗ ପ୍ରକାଶ କରିବା ସହ ହିନ୍ଦୁଙ୍କୁ ସୁରକ୍ଷା ସହ ସବୁକ୍ଷେତ୍ରରେ ହିନ୍ଦୁତ୍ୱକୁ ଆଗରେ ରଖିବା ପାଇଁ ସଙ୍ଗଠନର ମୁଖ୍ୟ ଏଜେଣ୍ଡା ବୋଲି କହିବା ସହ ଗରିବ ହିନ୍ଦୁ ରୋଗୀମାନଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସଙ୍ଗଠନ ତରଫରୁ ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ହେଲ୍ପ ଲାଇନ୍ ଖୋଲା ଯାଇଥିବା ବେଳେ ଓଡିଶାରେ ହଜାରେରୁ ଊର୍ଦ୍ଧ୍ୱ ଡାକ୍ତର ଆମ ସହିତ ଯୋଡି ହୋଇ ସହମତି ପ୍ରକାଶ କରିଥିବା ସେ କହିଛନ୍ତି। ସଙ୍ଗଠନ ତରଫରୁ ଗରିବ ରୋଗୀମାନଙ୍କୁ ମାଗଣା ଘରୋଇ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବା ସହିତ ଧର୍ମାନ୍ତୀକରଣ ରୋକିବାର ଆଧାର ଶିକ୍ଷା ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ସହ ବେକାରୀ ଦୂରୀକରଣ ଭଳି କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେଇ ସଙ୍ଗଠନ ତରଫରୁ ହିନ୍ଦୁ ହେଲ୍ପଲାଇନ୍ ଖୋଲା ଯାଇ ହିନ୍ଦୁମାନଙ୍କୁ ନିରନ୍ତର ମୁକ୍ତ ସେବା ଯୋଗାଇବା ପାଇଁ ବ୍ୟବସ୍ଥା ହୋଇଥିବା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସୁନ୍ଦରଗଡ଼ ଜିଲା ସଭାପତି କିଶୋର ମିଶ୍ର, ରାଜ୍ୟ ମହାସଚିବ ମନୋଜ ସାହୁ, ରାଷ୍ଟ୍ରୀୟ ଟ୍ରାଇବାଲ ପରିଷଦର ଜାତୀୟ ସାଧାରଣ ସମ୍ପାଦକ ଦୀପକ କୁମାର ମହାନ୍ତ, ରାଷ୍ଟ୍ରୀୟ ବଜରଙ୍ଗ ଦଳର ରାଜ୍ୟ ସମ୍ପାଦକ ଅନୀଲ ଚୌଧୂରୀ ପ୍ରମୁଖ ଉପସ୍ଥିତ ଥିଲେ। ଡା. ତୋଗାଡିଆ ମଙ୍ଗଳବାର ବାଲିଶଙ୍କରା ବ୍ଲକ ବନଡେଗା କିଲକିଲା ଠାରେ ଆୟୋଜିତ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଏବଂ ବୁଧବାର ସୁନ୍ଦରଗଡ଼ ରାମଜୀ ମନ୍ଦିର ଠାରେ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଡ. ତୋଗାଡିଆଙ୍କୁ କଡା ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଛି।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଘର ହିଁ ବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ପଟେଲ ଯୋଗଦେଇ ଭାରତୀୟ ଶିକ୍ଷାରେ ପାଶ୍ଚାତ୍ୟ ସଂକଳ୍ପନା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁମାନଙ୍କ ପ୍ରତି ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା। ସଭା ପ୍ରାରମ୍ଭରେ ଶିଶୁମାନେ ମାଙ୍କଡ ଓ ଟୋପିବାଲା କାହାଣୀକୁ ସୁନ୍ଦରଭାବେ ଅଭିନୟ କରିଥଇଲେ। ଶିଶୁ ବାଟିକା ପ୍ରମୁଖ ରଞ୍ଜୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବହୁକୁଣ୍ଡୀୟ ଯଜ୍ଞ, ରୋଗ ଉପଚାର ଶିବିର

**ଲୋଇସିଂହା,୨୦।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନରେ ପତାଞ୍ଜଳି ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ପଞ୍ଚଦିବସୀୟ ବହୁକୁଣ୍ଡିୟ ଯଜ୍ଞ ଓ ରୋଗ ଉପଚାର ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଆରୋଗ୍ୟ କେନ୍ଦ୍ର ମୁଖ୍ୟ ଅଶୋକ କୁମାର ଅଗ୍ରୱାଲ, ରାମଚନ୍ଦ୍ର ସାହୁ ଓ ଦୈତାରୀ ସାହୁଙ୍କ ସହାୟତାରେ ଅନୁଷ୍ଠିତ ଶିବିରରେ ହରିଦ୍ୱାରରୁ ଅସିଥିବା ଯଜ୍ଞଦେବ ଜୀ, ବିପ୍ରଦେବ ଜୀ, ଆଚାର୍ଯ୍ୟ ରାମକିସନ ଜୀ, ରାମୋବତାର ଜୀ ପ୍ରମୁଖ ବହୁକୁଣ୍ଡୀୟ ଯଜ୍ଞ ଆହୂତି କରିଥିଲେ। ଶିବିରରେ ଆକ୍ୟୁପ୍ରେସର, ମେଡିକ୍ୱାଟେଡ ୱାଟର, ମସାଜ, ମାଟି ଚିକିସରା ଷ୍ଟିମ୍ ଥେରାପି ଏପରି ୧୫ପ୍ରକାର ଉପଚାର ପଦ୍ଧତି ଅଣାଯାଇଥିଲା। ଶିବିରରରେ ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇ ଯଜ୍ଞରେ ଆହୂତି ପ୍ରଦାନ କରିଥିଲେ।

### କଣ୍ଟାବାଞ୍ଜି ଥାନାରେ ପୋଲିସ ସମିତି ବୈଠକ

କଣ୍ଟାବାଞ୍ଜି, ୨୦।୨(ଡି.ଏନ.ଏ.) ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନାରେ ସୋମବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସହରର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସାମାଜିକ କର୍ମୀ, ଗଣମାଧମ ପ୍ରତିନିଧି, ବୁଦ୍ଧିଜୀବୀ ସାମିଲ ଥିଲେ। କଣ୍ଟାବାଞ୍ଜିର ମୁଖ୍ୟ ସମସ୍ୟା ମଧରେ ଇନ୍ଦିରା ଛକ, ଶାସ୍ତ୍ରୀ ଛକ, ମହିଳା ମହାବିଦ୍ୟାଳୟ ରାସ୍ତା ଏବଂ ରେଳ ଅଣ୍ଡର ବ୍ରିଜ ଅଞ୍ଚଳରେ ଟ୍ରାଫିକ ସମସ୍ୟା ସହ ଗାଡି ପାର୍କିଂ, ଉଠା ଦୋକାନୀଙ୍କ ବେଆଇନ ରାସ୍ତା ଅବରୋଧ ଉପରେ ଆଲୋଚନା କରାଯାଇଥିଲା। ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ଥାନା ଆଇଆଇସି ରଶ୍ମିତା ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସମସ୍ତ ପୋଲିସ ଏଏସଆଇ, ସବ୍‌ଇନ୍ସପେକ୍ଟର ସହ ପୋଲିସ ସମିତି ସଭ୍ୟ ରସିଆନନ୍ଦ ରାଏ, ଗଫାର ପରମାର, ବିଦେଶୀ ବେହେରା, ଚିନ୍ମୟ ଯୋଷୀ, ଦେବାର ବାରିକ, ଅରୁଣ ବାଗ, ପ୍ରଦୀପ ବାଗ, ଶେଷ ପୁଟେଲ, ମନୋଜ ଶର୍ମା, ଗୁରୁଦୟାଲ ହଂସ, ଜୀବନାନନ୍ଦ ମହାନ୍ତି, ପରମାନନ୍ଦ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳନ୍ଧର ଦରବାର ଉଦ୍‌ଘାଟିତ

**କଣ୍ଟାବାଞ୍ଜି, ୨୦।୨(ଡି.ଏନ.ଏ.):** କଣ୍ଟାବାଞ୍ଜି ଥାନା ଖୁଟୁଲୁମୁଣ୍ଡା ଗୁପ୍ତେଶ୍ୱର ମନ୍ଦିର ପରିସରରେ ଶିବ ପାରାୟଣ ଓ ଜଳନ୍ଧର ଦରବାର ରବିବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ପୂଜା କମିଟି ସଭାପତି ଗଫାର ଖାନ, ସମ୍ମାନୀତ ଅତିଥି ଉପସଭାପତି ପୁଟା ବାବୁ, ସୁବାଷ ଚନ୍ଦ୍ର ସାହୁ, ମୁଖ୍ୟବକ୍ତାଭାବେ ଗୁରୁଦୟାଲ ହଂସ ମଞ୍ଚାସୀନ ଥିଲେ। ଲକ୍ଷ୍ମଣ ବାଗ ମଞ୍ଚ ପରିଚାଳନା କରିଥିଲେ। ଶିବରାତ୍ରି ମେଳା ତଥା ପାରାୟଣ ଓ ଜଳନ୍ଧର ଦରବାର ଆସନ୍ତା ୨୩ତାରିଖ ଯାଏ ଚାଲିବ।

# ଦାବି ହାସଲ ପାଇଁ ସଂଗଠିତ ହୁଅ

### ବ୍ଲକସ୍ତରୀୟ ଆଶାକର୍ମୀ ସମ୍ମିଳନୀ

ମୁରିବାହାଲ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଆଶା କର୍ମୀ ବାର୍ଷିକ ସମ୍ମିଳନୀ ସୋମବାର ହଳଦୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଆ ଆଶାକର୍ମୀ ସଂଘ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କମିଟି ମୁରିବାହାଲ ବ୍ଲକ ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁରିବାହାଲ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏଆଇଟିୟୁସି ଜିଲା ସଭାପତି ବିଭୁଦତ ମିଶ୍ର, ନିଖିଳ ଓଡ଼ିଆ ଆଶାକର୍ମୀ ସଂଘ ଜିଲ୍ଲା ସଭାପତି ତୀର୍ଥ ପଧାନ, ସମ୍ପାଦକ ଅମୀ ଗୁପ୍ତା, ପରିଦର୍ଶିକା ବାସନ୍ତୀ ଭୋଇ ମଞ୍ଚାସୀନ ଥିଲେ। ଏଥିରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାକର୍ମୀଭାବେ କାର୍ଯ୍ୟରତ ୧୭୫ଜଣ ଆଶାକର୍ମୀ ଉପସ୍ଥିତ ଥିଲେ। ୧୧ ଦଫା ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଆଗାମୀ ଦିନରେ ଜିଲାପାଳ କାର୍ଯ୍ୟାଳୟ, ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ନାର୍ଯ୍ୟ ଦାବି ହାସଲ ପାଇଁ ଆଶକର୍ମୀମାନେ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିନୋଦିନୀ ମହାନନ୍ଦ, ସୁଷମା ମେହେର, ମଧୁସ୍ମିତା ଦାସ, କଳବତୀ ବିଭାର, ଲବଣୀ ତାଣ୍ଡି, ବହିତା ଘିବେଲା, ବୁଣା ପୁଟେଲ, କାନ୍ତି ଲୁହା, ସନ୍ତରା ଦୀପ, ଜୟନ୍ତୀ ସାହୁ, ମମତା ସୁନାରୀ, ଜଗଧାତ୍ରି ଟାକ୍ରୀ, ଶାନ୍ତିଲତା ସରାଗ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା କନ୍ଦର୍ପ ଦୀପ ପରିଚୟ ପ୍ରଦାନ, ଅନ୍ନପୂର୍ଣ୍ଣା ପରାଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଆଶାକର୍ମୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ସାଇବର ଅପରାଧ ରୋକିବାକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅତିଥି।

### ଆମ ପୋଲିସ ସମିତି ବୈଠକ

ଖପ୍ରାଖୋଲ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରଖୋଲ ଥାନା ଅଭ୍ୟର୍ଥନା କକ୍ଷରେ ଆମ ପୋଲିସ ସମିତି ବୈଠକ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ସରପଞ୍ଚ ପ୍ରତିନିଧି ସତ୍ୟାନନ୍ଦ ସେଦ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲ୍ୟ ବିବାହ ନିରୋଧ, ପୋସ୍କୋ ଆଇନ, ଡାହାଣୀ ନିରୋଧ ଆଇନ, ଲୁଟ, ଚୋରି,ଡକାୟତି, ସାଇବର ଅପରାଧ, ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ଜନସାଧାରଣ ନିଜ ଅଞ୍ଚଳର ଆଇନଶୃଙ୍ଖଳା ନେଇ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଜନ ସାଧାରଣ ଟଙ୍କା ନେଣଦେଣ, ବ୍ୟାଙ୍କ କାମ, ଟଙ୍କା ଜମା ଓ ଉଠାଣ, ଘରୋଇ ବିବାଦ, ଉପରେ ସଚେତନ ହେବାକୁ ଥାନା ଅଧିକାରୀ ଅନୁରୋଧ କରିଥିଲେ। ଥାନା ଏସଆଇ ଗୋପୀନାଥ ମହାକୁଡ, ଏଏସ୍ଆଇ ସେବନ କେରକେଟା, ମୋହନ ସୁନା, ନାଏବ ସରପଞ୍ଚ ସନ୍ତୋଷ ବାଗ, ବାବୁଲାଲ ଭୋଇ, ଦିଲିପ ଗଡ଼ତ୍ୟା, ବୀର ବାଗ, ସଚେତନ ନାଗରିକ, ୱାର୍ଡ ସଭ୍ୟାସଭ୍ୟ, ବ୍ୟବସାୟୀ ଉପସ୍ଥିତ ଥିଲେ।

# ଦେଓଗାଁ ସିଏଚ୍‌ସିରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ସ୍ଥାପନ କର


ଦେଓଗାଁ ଥାନା ପରିସରରେ ଅନୁଷ୍ଠିତ ବୈଠକରେ ଅଧିକାରୀ, ଜନ ପ୍ରତିନିଧି ଓ ବୁଦ୍ଧିଜୀବୀ।

ଦେଓଗାଁ, ୨୦।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗା ଥାନା ପରିସରରେ ସୋମବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ତାରାବତୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଦେଓଗାଁ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର ଯୋଗଦେଇ ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୧୨୭ଖଣ୍ଡ ଗାଁ ଦେଓଗାଁ ଥାନା ଅଧିନ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଏଥିସହ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶବ ବ୍ୟବଚ୍ଛେଦ କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ସେହିପରି ଦେଓଗାଁ ବସ୍‌ଷ୍ଟାଣ୍ଡ, କଲେଜ ଛକ ଓ ଏଟିଏମ ଛକରେ ସିସି କ୍ୟାମେରା ଲଗାଇବା ପାଇଁ ବେଣୀ ମାଧବ ହୋତା ପ୍ରସ୍ତାବ ଦେଇଥିଲେ। ଦେଓଗାଁ ଓ କଛାରପାଲିରେ ରାତ୍ରକାଳୀନ ପାଟ୍ରୋଲିଂ କଡାକଡି କରିବା ପାଇଁ ସରପଞ୍ଚ ନୀନା ଛତ୍ରିଆ ମତ ଉପସ୍ଥାପନ କରିଥିଲେ। କଛାରପାଲି ସ୍କୁଲ,ଏଟିଏମ ଛକ, ବସ୍‌ଷ୍ଟାଣ୍ଡ, କଲେଜ ଛକ ଓ ହାଇସ୍କୁଲ ଛକରେ ରାଜପଥରେ ଧୀରେ ଗାଡି ଚାଳନା ପାଇଁ ଚିହ୍ନ ଦେବା ପାଇଁ ମତପ୍ରକାଶ ପାଇଥିଲା। ନାବାଳକଙ୍କୁ ବାଇକ ଚାଳନା କରିବାକୁ ନ ଦେବାକୁ ଥାନାଧିକାରୀ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏଥିସହ ଗାଡି ଚାଳକମାନେ ହେଲମେଟ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ବନ୍ଧପଡାରୁ ଦେଷଣ୍ଡ ମଧରେ ପୋଲିସ ପାଟ୍ରୋଲିଂ କଡାକଡି କରିବା ପାଇଁ ବନ୍ଧପଡା ସମିତି ସଭ୍ୟ କାନ୍ତେଶ୍ୱର ପଧାନ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଏସଆଇ ଜଗତଜୀବନ ସା, ରାଇଟର ବିଦ୍ୟାଧର ନାଏକ, ଦେଓଗାଁ ସମିତି ସଭ୍ୟା ମୀନା କୁମାରୀ ସା, ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀଭୂଷଣ ସାହୁ, ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ବଣିକ ସଂଘର ବାବୁଲାଲ ଅଗ୍ରୱାଲ, କାର୍ତ୍ତିକ ମଲ୍ଲିକ,ରଜନୀକାନ୍ତ ଦାସ, ହଜାରୁ ଛତ୍ରିଆ, ବିନାୟକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ଦୁଇବର୍ଷ ହେଲା ଆମ ପୋଲିସ ସମିତି ବୈଠକ ନ ବସିବାକୁ ନେଇ ଗଣମାଧମରେ ଖବର ପ୍ରକାଶ ପରେ ଥାନାରେ ଏନେଇ ତତ୍ପରତା ପ୍ରକାଶ ପାଇଥିଲା।

# ୨୨ରେ ସରକାରୀ କାର୍ଯ୍ୟାଳୟ ବନ୍ଦ

**ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ପ୍ରସଙ୍ଗ**

ଲୋଇସିଂହା,୨୦।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବିରେ ଆଞ୍ଚଳିକ ବିକାଶ ପରିଷଦ ଆନ୍ଦୋଳକୁ ଜୋରଦାର କରିବାକୁ ନିଷ୍ପତ୍ତି ନେଇଛି। ମାସର ଶେଷ ବୁଧବାର ଲୋଇସିଂହାରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ସ୍ଥିରୀକୃତ ହୋଇଛି। ହେଲେ ଗତ ଜାନୁୟାରୀ ମାସରେ କୌଣସି କାରଣକୁ ନେଇ ବନ୍ଦ ପାଳନ କରାଯାଇ ପାରି ନ ଥିଲା। ଏଣୁ ଆସନ୍ତା ୨୨ତାରିଖରେ ଅଞ୍ଚଳବାସୀ ଏବଂ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ବନ୍ଦ ପାଳନ କରାଯିବ। ଶିକ୍ଷାନୁଷ୍ଠାନ, ଡାକ୍ତରଖାନାକୁ ବାଦ ଦେଇ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟ ବନ୍ଦ କରାଯିବ। ଏଥିପାଇଁ ପ୍ରଶାସନିକ ଅନୁମତି ମିଳିବା ସହ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ଅଞ୍ଚବାସୀ ଦୀର୍ଘବର୍ଷ ହେଲା ଲୋଇସିଂହାକୁ ଏନଏସି ମାନ୍ୟତା ଦାବି କରି ଆସୁଛନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନ ପରେ ବିଧାନ ସଭାରେ ଏ ନେଇ ଦୁଇ ଥର ଘୋଷଣା କରାଯାଇଛି। ହେଲେ ଏନ୍‌ଏସି ମାନ୍ୟତା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନରେ ୨୦୨୨ ଡିସେମ୍ବର ୧୪ରେ ଷ୍ଟାଡିୟମ ପରିସରରେ ଏକ ପ୍ରସ୍ତୁତି ବୈଠକ ଆହୂତ ହୋଇଥିଲା। ପ୍ରସ୍ତାବିତ ଏନଏସି ଅଧୀନ ଗ୍ରାମରେ ଏନେଇ ଜନଜାଗରଣ ସୃଷ୍ଟି କରିବା ଏବଂ ଦାବି ହାସଲ ପର୍ଯ୍ୟନ୍ତ ପ୍ରତି ମାସର ଶେଷ ବୁଧବାର ସରକାରୀ ଅଫିସ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ୨୦୨୨ ଡିସେମ୍ବର ୨୮ରେ ବନ୍ଦ ପାଳନ କରାଯାଇଥିଲା।

# ସର୍ଦ୍ଧାପୁରକୁ ହରାଇ ଲେବଡା ଚାମ୍ପିୟନ


ଚାମ୍ପିୟନ ଦଳ ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ପାଟଣେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

ମୁରିବାହାଲ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ଯୁବ ସଂଗଠନ ତରଫରୁ ପ୍ରଥମ ବାର୍ଷିକ ପାଟଣେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ସମ୍ପନ୍ନ ହୋଇଛି। ଫାଇନାଲ ଖେଳରେ ସର୍ଦ୍ଧାପୁରକୁ ୪-୦ଗୋଲରେ ହରାଇ ଲେବଡା ଚାମ୍ପିୟନ ହୋଇଛି। ମ୍ୟାଚକୁ ରଥ ବନଛୋର, ପ୍ରେମରାଜ ସାହୁ, ବିଲୁ ଭାଟି ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲେବଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ହେମସାଗର ସାହୁ, ସମ୍ମାନୀତ ଅତିଥିଭାବେ କ୍ରୀଡ଼ାବିତ ଜିତେନ ହାତୀ, ଫକୀର ଲୁହା, କିଶୋର ସାହୁ, ହୃଦୟ ଗନିଆର, ଉପସ୍ଥିତ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅତିଥିମାନେ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନରେ ଆୟୋଜକ କମିଟି ସଭାପତି ଆକାଶ ସାହୁ, ସମ୍ପାଦକ କରନ ସାହୁ, କୋଷାଧ୍ୟକ୍ଷ ଜିତେନ ସାହୁ, ରାକେଶ ସାହୁ, ଅଙ୍କିତ ସାହୁ, ବୁଲୁ ମାଝି, ପ୍ରତୀକ ସାହୁ ସହଯୋଗ କରିଥିଲେ।

# ଟିଟିଲାଗଡ଼ କୋର୍ଟରେ ଇ-ଲାଇବ୍ରେରୀ ଉଦ୍‌ଘାଟିତ

ଟିଟିଲାଗଡ, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ କୋର୍ଟ ପରିସରରେ ଇ-ଲାଇବ୍ରେରୀ ଆଭାସୀ ମାଧମରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସମାରୋହରେ ସୁପ୍ରିମକୋର୍ଟ ବିଚାରପତି କେ. ଏମ. ଜୋସେଫ, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲୀଧରନ ଏହାକୁ ଉଦ୍‌ଘାଟନ କରିଥିଲେ। ଇ-ଲାଇବ୍ରେରୀ ଯୋଗୁ ଯୁବ ଓକିଲମାନେ ଉପକୃତ ହେବେ ବୋଲି ସୁପ୍ରିମ କୋର୍ଟ ବିଚାରପତି ଜୋସେଫ ଓ ଓଡିଶା ମୁଖ୍ୟ ବିଚାରପତି ମୁରଲୀଧରନ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରାଜଜ ରାଜ କିଶୋର ମହାପାତ୍ର, ସବ୍‌ଜଜ ରମାକାନ୍ତ ମହାନ୍ତି, ଏସ୍‌ଡିଜେଏମ, ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଜେଏମ୍‌ଏଫସି ଅଭିନନ୍ଦନ ରୟ, ବାର ସଂଘ ସଭାପତି ସଞ୍ଜୟ ବେହେରା, ସମ୍ପାଦକ କାର୍ତ୍ତିକ ଛତରିଙ୍କ ସହିତ ସଂଘର ସମସ୍ତ ସଦସ୍ୟା, ସଦସ୍ୟ ଓ କୋର୍ଟ କର୍ମଚାରୀ ଯୋଗ ଦେଇଥିଲେ।



ଇ-ଲାଇବ୍ରେରୀ ଉଦ୍‌ଘାଟନ ସମୟରେ ଏଡିଜେ ଓ ଓକିଲ ସଂଘ ସଭାପତି।

# ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ରୁପ୍ରାରୋଡ,୨୦।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁ ଅନୁକୂଲ୍ୟରେ ଚିତ୍ରକଳା ମାଧମରେ ଜଳ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିପରି ବର୍ଷା ଜଳ ସଂରକ୍ଷଣ ହେବ ସେହି ଉପରେ ସଚେତନତା ସୃଷ୍ଟି କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ, ବିଜ୍ଞାନ ଶିକ୍ଷକ ଗଙ୍ଗାନାରାୟଣ ଦାସ, ଇକୋକ୍ଲବ ମୁଖ୍ୟ କୈଳାସ ଚନ୍ଦ୍ର ଭୋଇ, ଓଡ଼ିଆ ଶିକ୍ଷୟିତ୍ରୀ ମିନତୀ ଶତପଥୀ, ଅବସରପ୍ରାପ୍ତ କିରାଣୀ ପ୍ରମୋଦ ଚନ୍ଦ୍ର ଭୋଇ, ସ୍କୁଲର ଟିଏମ କପିଳ ମଠାଳି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ମିଳନ କୁମାର ଭୋଇ ଏବଂ ଚିତ୍ରକାର ସୁନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ୟଙ୍ଗଷ୍ଟାର କ୍ରିକେଟ: କୁଠୁର୍ଲା ଚାମ୍ପିୟନ

ଦେଓଗାଁ, ୨୦।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳ ପଡିଆରେ ଜୁର୍ଲାକାନୀ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆୟୋଜନରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। କୁଠୁର୍ଲା ଓ ସିକୁଆଁ ଦଳ ମଧରେ ଅନୁଷ୍ଠିତ ଫାଇନାଲ ଖେଳରେ କୁଠୁର୍ଲା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ରାହୁଲ ରଣା ଓ ରାଜା ନାଗ ଖେଳ ପରିଚାଳନା କରିଥିବା ବେଳେ ଅଜୁ ନାଗ ଧାରା ବିବରଣୀ ପ୍ରଦାନ କରିଥିଲେ। ଦୁରୟୋ ସୁନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ସୁନୀଲ ଖମାରୀ, ମ୍ୟାନ ଅଫ ଦି ସିରିଜ ଭାବେ ପିଣ୍ଟୁ ଖମାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍ତ୍ତ ଘିବେଲାଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ସମ୍ମାନୀତ ଅତିଥିଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ଡା. ଶଶୀଭୂଷଣ ସାହୁ, ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ଭୀଷ୍ମ ନାଗ, ହିମାଂଶୁ ପୋଡ଼, ଅଜିତ ବନଛୋର, ଆଶିଷ ବନଛୋର, ସୁରେଶ ଭୋଇ, ଚକ୍ରଧର ଛତ୍ରିଆ ଓ ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ସଦସ୍ୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ଓସବା ଜାତୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଶିବିରରେ ମନୋନୀତ ଖେଳାଳିଙ୍କ ସହ ଆୟୋଜକ।

### ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଦଳ ଘୋଷିତ

ବଲାଙ୍ଗୀର ଅଫିସ, ୨୦।୨

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମରେ ଜିଲା ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଆୟୋଜିତ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ୍ (ଓସ୍‌ବା) ଜାତୀୟ ପ୍ରଶିକ୍ଷଣ ଓ ଚୟନ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ବରିଷ୍ଠ ବର୍ଗରେ ବ୍ୟାଡମିଣ୍ଟନ କୋଚ ସଚିନ ରାଣା, ମୁରଲୀକ୍ରିଷ୍ଣା ଓ ଜି. ଗୋବର୍ଦ୍ଧନ ରେଡ୍ଡି ଶିବିରରେ ଯୋଗଦେଇଥିବା ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶାରୀରିକ ଦକ୍ଷତା, କୌଶଳ, ର୍‍ୟାଙ୍କିଂ ପଏଣ୍ଟ ଓ ପ୍ରତିଯୋଗିତାକୁ ଆଧାର କରି ରାଜ୍ୟ ଚୟନ କମିଟିଙ୍କ ଉପସ୍ଥିତିରେ ଚୟନ କମିଟି ଅଧ୍ୟକ୍ଷ କମଳ ଦାସ ମନୋନୀତ ଖେଳାଳୀଙ୍କ ନାମ ଘୋଷଣା କରିଥିଲେ। ପୁନେଠାରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା ଖେଳାଳିମାନେ ପୁରୁଷ ଏକକ ବିଭାଗରେ ପାରସ ମାଥୁର, ସ୍ୱାଧୀନ ଗୌଡ ଯୁଗଳ ବିଭାଗରେ ଆୟୁଷ ପଟ୍ଟନାୟକ, ଅବିନାଶ ମହାନ୍ତି, ଅମ୍ଳାନ କେଶରୀ ଗଡନାୟକ ଓ ତନ୍ମୟ କୁମାର ସାହୁ, ମିଶ୍ରିତ ଯୁଗଳରେ ଅବିନାଶ ମହାନ୍ତି ଓ ଅନୁଜା ଦାସ ମହାପାତ୍ର, ମହିଳା ଏକକରେ ଶ୍ରୁତି ସ୍ୱାଇଁ ଓ ସ୍ୱାଗତିକା ରାଉତ, ଯୁଗଳ ବିଭାଗରେ ରତ୍ନପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ଅନୁଜା ଦାସ ମହାପାତ୍ର ଓ ପୂର୍ବା ପ୍ରତ୍ୟାଶା ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି। ନାମ ଘୋଷଣା ସମୟରେ ରାଜ୍ୟ ସମ୍ପାଦକ ନିଳିନ କୁମାର, ସାଙ୍ଗଠନିକ ସମ୍ପାଦକ ସୁରୁଲାଲ ମଟାରୀ, ଚୟନ କମିଟି ଅଧ୍ୟକ୍ଷ କମଳ ଦାସ, ଶୈଳେନ୍ଦ୍ର ଚୌଧୁରୀ, ଗୌରୀଶଙ୍କର ବିଶି, ଦୀପକ ମହାନ୍ତି, ଅଜିତ ମହାନ୍ତି, ସୋମେନ ଦାସ, ଜିଲା ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, କୋଅର୍ଡିନେଟର ଦେବାଶିଷ ମିଶ୍ର, ସାଙ୍ଗଠନିକ ସଦସ୍ୟ ଅନ୍ତ ବେହେରା, ଶୁଭ୍ରାଂଶୁ ପଣ୍ଡା, ସୁରେନ୍ଦ୍ର ନେପାଲ, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ସୁଧୀର ପଣ୍ଡା, ସୁଶାନ୍ତ ଚୋପଦାର, ବାସୁଦେବ ବେହେରା, ଜୁଲୁ ପଟ୍ଟନାୟକ ଓ ସିଦ୍ଧାର୍ଥ ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଶିଶୁଙ୍କ ସମେତ ୩ ଆହତ

ଅତାବିରା,୨୦।୨(ଡି.ଏନ.ଏ) : ବରଗଡ଼ ଜିଲା ଅତାବିରା ଡାକ୍ତରଖାନା ନିକଟରେ ସୋମବାର ଏକ ଦୁର୍ଘଟଣାରେ



୩ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ସମ୍ବଲପୁର ସେନାପାଲିର ଦୀପା ମେହେର, ତାଙ୍କ ଶିଶୁପୁତ୍ର ଆରବ ଏବଂ ଜାମଟିକ୍ରାର ମନବୋଧ ଥାଟୀ। ଆହତଙ୍କୁ ଉଦ୍ଧାର କରି ଅତାବିରା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପ୍ରକାଶ ଯେ, ଜାମଟିକ୍ରାର ମନବୋଧ ଏକ ସ୍କୁଟିରେ ବଜାର ସାରି ଘରକୁ ଫେରୁଥିଲେ। ସେହି ସମୟରେ ଏକ ବାଇକ୍ (ନଂ.ଓଡି୧୫ଇ/୪୪୩୩) ଯୋଗେ ସେନାପାଲିର ଭରତ ମେହେର, ସ୍ତ୍ରୀ ଦୀପା ଏବଂ ଶିଶୁପୁତ୍ର ଦୀପା ଅତାବିରା ଡାକ୍ତରଖାନା ନିକଟରେ ସର୍ଭିସ୍ ରୋଡ୍‌ରୁ ରାଜପଥକୁ ଚଢ଼ୁଥିବାବେଳେ ସ୍କୁଟି ସହିତ ଧକ୍କା ହୋଇଥିଲା।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବରପାଲି,୨୦।୨(ଡି.ଏନ.ଏ.): ବରଗଡ ଜିଲା ବରପାଲି ବ୍ଲକ ତିନକାନି ଗ୍ରାମପଞ୍ଚାୟତ ଅଧୀନ ଚାରମୁଣ୍ଡା ଗ୍ରାମର ମହେନ୍ଦ୍ର ସିଂ ଷ୍ଟାର ଆସୋସିଏଶନ ପକ୍ଷରୁ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୬ଟି ଟିମ୍ ଯୋଗ ଦେଇଥିଲେ। ଫୁଲାପାଲି ଓ ଗୋପାଇପାଲି ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଗୋପାଇପାଲି ଦଳ ବିଜୟୀ ହୋଇଥିଲା। ଏହି ଅବସରରେ ଭଟଲି ବିଧାୟକ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ବିଜେଡି ନେତା ଲାଲ୍‌ବିକ୍ରମ ସିଂଦେଓ, ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃ ସଭାପତି ବିରୋସନ ସାହୁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ପରିଷଦ ସଦସ୍ୟ ଅନନ୍ତ ସେଠ, ରେମତା ସରପଞ୍ଚ ବିନୟ ଗଡତିଆ, ବିଜୁ ଛାତ୍ର ଜନତା ଦଳ ବ୍ଲକ ସଭାପତି ଅକ୍ଷୟ ଗଡତିଆ, ରାଧେଶ୍ୟାମ ମିଶ୍ର, କେଶବ ରାଉତ, ଗୋପାଳ ଭୋଇ, ଦୀପକ ଧନୁକା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

### ଡ୍ରାଇଭର ସଂଘ ବୈଠକ

ପଦ୍ମପୁର,୨୦।୨(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବ୍ଲକ ବୁଡାମାଲ ଓ କଂସର ପଞ୍ଚାୟତ ଡ୍ରାଇଭର ସଂଘର ଏକ ବୈଠକ ସଭାପତି ଶିବ ସାହୁଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଜିଲା ସଭାପତି ନୀଳାମ୍ବର ସାହା ଅଂଶଗ୍ରହଣ କରି ଆସନ୍ତା ମାର୍ଚ୍ଚ ୧୫ରେ ଷ୍ଟେରିଂ ଛାଡ ଆନ୍ଦୋଳନରେ ସାମିଲ ହେବା ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ବିଜୟ କୁମାର ମେହେର, ଉପସଭାପତି ପିତାମ୍ବର ମେହେର, ସମ୍ପାଦକ ଦିଲୀପ ବେହେରା, ଖାଡିଆ ଦାସ, ଗାନ୍ଧୀ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭାଷା ପ୍ରୀତି ଦେଶକୁ ସୁଦୃଢ଼ କରେ

ବରଗଡ଼ ଅଫିସ,୨୦।୨

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଭାପତି ସର୍ଦ୍ଦାର ପ୍ରୀତମ ସିଂ ସଭାପତିତ୍ୱ କରିଥିଲେ। ରାଉରକେଲା ନୀଳଶୈଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁଧୀର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ସ୍ୱର୍ଗତ ମିଶ୍ରଙ୍କ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଏବଂ ସମାଜ ସଂସ୍କାର କ୍ଷେତ୍ରରେ ସମର୍ପଣ ଅବିସ୍ମରଣୀୟ ବୋଲି ସେ କହିଥିଲେ। ଏହାସହିତ ଯୁବପିଢି ପାଇଁ ସ୍ୱର୍ଗତ ମିଶ୍ରଙ୍କ ଅବଦାନ ଅନୁକରଣୀୟ ବୋଲି ପ୍ରଫେସର ମିଶ୍ର ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଓ ସାହିତ୍ୟିକ ଡଃ ସନ୍ତୋଷ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ



କାର୍ଯ୍ୟକ୍ରମରେ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି ।

**ଭଗବାନ ମିଶ୍ରଙ୍କ ଜୟନ୍ତୀ ସମାରୋହ**

ଦେଇ ମାତୃଭାଷା ପ୍ରୀତି ବ୍ୟକ୍ତି, ସମାଜ ଓ ଦେଶକୁ ସୁଦୃଢ଼ କରିଥାଏ ଏବଂ ଶିକ୍ଷାବୃତ୍ତିର ସଙ୍କୀର୍ଣ୍ଣତାରୁ ବାହାରି ଜୀବନର ମୂଲ୍ୟବୋଧର ଅଭିଜ୍ଞତା ଯାଏ ପ୍ରସାରିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକ ଏବଂ ସାହିତ୍ୟିକ ଧନପତି ରଥଙ୍କୁ ଭଗବାନ ମିଶ୍ର ଶିକ୍ଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ) ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ପ୍ରାଧ୍ୟାପକ ପ୍ରଫୁଲ ଚନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କାମିନୀ ଦାଶ, ମୁଗ୍ଧା ଦାଶ ଓ ତାହୀର ଖାନ ଗୁରୁ ବନ୍ଦନା ଓ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ ହିନ୍ଦୀ ପ୍ରତିଯୋଗିତାର ୨୯ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗତବର୍ଷ ମାଟ୍ରିକ ପରୀକ୍ଷାରେ ବରଗଡ଼ ଜିଲାରେ ସର୍ବାଧିକ ମାର୍କ ଓ ପ୍ରତ୍ୟେକ ବିଷୟରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା। ସମିତିର ଉପସଭାପତି କମଳ ଯୋଶୀ, ସହ ସମ୍ପାଦକ ଅରବିନ୍ଦ ଗୁପ୍ତା, ନୀଳାମ୍ବର ମେହେର, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋସାଗର, ଜଗଦୀଶ ସୈନ, ପ୍ରଦୀପ୍ତଭାନୁ ମହାନ୍ତି, ସୁନୀଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଜଗଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଲୁଣ, ସାବୁନ ବଦଳ ଦେଇ ବ୍ୟବସାୟୀ କିଣୁଛନ୍ତି ଛତୁଆ

ଭେଡେନ,୨୦।୨(ଡି.ଏନ.ଏ.)

ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଭାବେ ସରକାର ଦେଉଥିବା ଛତୁଆକୁ ଲୋକେ ବଦଳ ପ୍ରକିୟାରେ ସାମିଲ କରି ଲୁଣ, ସାବୁନ କିଣୁଛନ୍ତି। ଏହି ଛତୁଆକୁ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଉଛି। ଫଳରେ ଛତୁଆ ପ୍ରସ୍ତୁତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏଭଳି ଘଟଣା ବରଗଡ ଜିଲା ଭେଡେନ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ଗାଁ ଗାଁ ବୁଲି ଲୋକଙ୍କଠାରୁ ଛତୁଆ ନେଇ ବଦଳରେ ଲୁଣ, ସାବୁନ ଓ ସର୍ଫ ପ୍ୟାକେଟ ଦେଉଛନ୍ତି। ଆବଶ୍ୟକ ସ୍ଥଳେ ସେମାନେ ଟଙ୍କା ଦେଇ ଛତୁଆ କିଣୁଛନ୍ତି। ୪ କିଲୋ ୪୧୦ ଗ୍ରାମ୍ ଛତୁଆ ପ୍ୟାକେଟ ବଦଳରେ ୬ଖଣ୍ଡ ସାବୁନ ନତୁବା ୧ କି.ଗ୍ରା. ସର୍ଫ ଦିଆଯାଉଥିବା ଅଭିଯୋଗ ହେଉଛି। ଅଙ୍ଗନୱାଡି ଛତୁଆ ବିକ୍ରି ପାଇଁ ଉଦିଷ୍ଟ ନୁହେଁ ବୋଲି

**ଗୋଖାଦ୍ୟ ଭାବେ ବ୍ୟବହାର, ନିମ୍ନମାନର ପ୍ରସ୍ତୁତି ସନ୍ଦେହ**

ପ୍ୟାକେଟରେ ଲେଖା ଯାଇଥିବାବେଳେ ଏଥିପାଇଁ ଦଣ୍ଡବିଧାନ ମଧ୍ୟ ରହିଛି। ମାତ୍ର ଛତୁଆ ବ୍ୟବସାୟୀ ଖୋଲାଖୋଲି ଏହି ବେଆଇନ କାର୍ଯ୍ୟ ଚଳାଇଛନ୍ତି। ବ୍ଲକର ୨୨ଟି ପଞ୍ଚାୟତର ୯୬ଟି ରାଜସ୍ୱ ଗ୍ରାମରେ ଏଭଳି ଚାଲିଥିବା ଦେଖିବାକୁ ମିଳିଛି। ଏ ନେଇ ସିଡିପିଓ ଆଲ୍ପବିଟା ଟପ୍ପୋଙ୍କୁ ପଚାରିବାରୁ ଏହି ଛତୁଆ ଲୋକଙ୍କୁ ଖାଇବାକୁ ଦିଆଯାଉଛି। ଏହାର ପ୍ରସ୍ତୁତି ଓ ମିଶ୍ରଣ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ କରାଯାଉଛି। ତଥାପି ଲୋକେ ନ ଖାଇଲେ କ'ଣ କରାଯିବ। ତେବେ ଉକ୍ତ ଛତୁଆ ବ୍ୟବସାୟୀମାନଙ୍କ ଉପରେ ନଜର ରଖିଛୁ। ହାତୁଡରେ ପଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିପିଓ ଟପ୍ପୋ କହିଥିଲେ।

# ତାଲିମ ଶିବିରରେ ମତ୍ସ୍ୟଚାଷକୁ ଗୁରୁତ୍ୱ



ଶିବିରରେ ଆୟୋଜକ, ଅତିଥି ଏବଂ ଶିବିରାର୍ଥୀବୃନ୍ଦ ।

ବରଗଡ଼ ଅଫିସ୍,୨୦।୨

ବରଗଡ଼ର ବିକାଶ ଡିଗ୍ରୀ କଲେଜରେ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ଏବଂ କେନ୍ଦ୍ରୀୟ ବିଶୁଦ୍ଧ ଜଳଜୀବ ପାଳନ ସଂସ୍ଥାନ ଦ୍ୱାରା ଏକଦିବସୀୟ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୨୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଚାଷୀଙ୍କ ସମେତ ବିକାଶ ଡିଗ୍ରୀ କଲେଜ, ପଞ୍ଚାୟତ କଲେଜ, କମଗାଁ କଲେଜ, ମହିଳା କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି ଏବଂ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ବୈଜ୍ଞାନିକ ଡଃ ଜିତେନ୍ଦ୍ର କୁମାର ସୁନ୍ଦରରାୟ ସ୍ୱାଗତ ଭାଷଣ ଦେବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରତିଭାଗୀ ଚାଷୀ ତଥା ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ବରଗଡ଼ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଏନ. ସି. ବାରିକ ଯୋଗ ଦେଇଥିଲେ। ଅଭିନବ ବୈଜ୍ଞାନିକ କୌଶଳ ଦ୍ୱାରା ମତ୍ସ୍ୟଚାଷକୁ ଏକ ଔଦ୍ୟୋଗିକ ଆନ୍ଦୋଳନର ରୂପ ଦେଲେ ଅଞ୍ଚଳର ସମସ୍ତ ଚାଷୀ ସମୃଦ୍ଧ ହେବେ ବୋଲି ଅତିଥିବୃନ୍ଦ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦଳର ଡଃ ଲକ୍ଷ୍ମଣ ସାହୁ, ଡଃ ରାଜେଶ କୁମାର ପ୍ରମୁଖ ମତ୍ସ୍ୟଚାଷ ଏବଂ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଲକ୍ଷ୍ମୀ ନାରାୟଣ ବକ୍ସି ଆଲୋଚନାଚକ୍ର ପରିଚାଳନା କରିଥିଲେ। ଏହି ଅବସରରେ ପ୍ରତିଭାଗୀ ଚାଷୀ, ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା ମୀନା ବାରିକ, ଅଧ୍ୟାପକ ଅଂଶୁମାନ ବେହେରାଙ୍କ ସମେତ ପ୍ରାଣୀବିଜ୍ଞାନ ବିଭାଗ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡଃ ନାଗେଶ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ତୈଳିକ ବୈଶ୍ୟ ସମାଜ ସଭା

ପଦ୍ମପୁର,୨୦।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ଗ୍ରାମପଞ୍ଚାୟତ ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା ପଞ୍ଚାୟତ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡମ୍ବରୁଧର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପଦ୍ମପୁର ବ୍ଲକ ସଭାପତି ଦିନେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପଞ୍ଚାନନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସମ୍ପାଦକ ମୀନକେତନ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ପାଇକମାଲ ବ୍ଲକ ସଭାପତି ରାଜକିଶୋର ସାହୁ, ସମ୍ପାଦକ ପୀତାମ୍ବର ସାହୁ, ଡାକେଶ୍ୱର ସାହୁ, ରାଜକିଶୋର ସାହୁ, ବିପିନ ବିହାରୀ ସାହୁ, ବିଶ୍ୱେଶ୍ୱର ସାହୁ, ଅନାଦି ସାହୁ, ସାନନ୍ଦ ସାହୁ, ଗଙ୍ଗାଧର ସାହୁ, ଜ୍ୟୋତିର୍ମୟ ସାହୁ, ଜୟଶ୍ରୀ ସାହୁ, ବଳଦେବ ସାହୁ, ଜୟଚନ୍ଦ୍ର ସାହୁ ପ୍ରମୁଖ ସମାଜର ହିତ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ମୁଖ୍ୟତଃ ସମାଜର ଏକତା, ଜନ୍ମ ସଂସ୍କାର, ବୈବାହିକ ରୀତିନୀତିରେ ସଂସ୍କାର, ଶୁଦ୍ଧକ୍ରିୟା, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା।

# ଭାଜପା ଓବିସି ମୋର୍ଚ୍ଚା ଜିଲା କାର୍ଯ୍ୟକାରିଣୀ ବୈଠକ

ବରଗଡ଼ ଅଫିସ, ୨୦।୨

ବରଗଡ ଜିଲା ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓବିସି ମୋର୍ଚ୍ଚା ସଭାପତି ପରେଶ ବିଶିଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା। ମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ବିରେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଦଳର ରାଷ୍ଟ୍ରୀୟ ପରିଷଦ ସଭ୍ୟ ସୌରୀ ଚରଣ ବାରିକ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା. ଅରୂପାନନ୍ଦ ସାହୁ, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ରବିନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛୁଆବର୍ଗର ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଯେଉଁସବୁ ଉଲ୍ଲେଖନୀୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି, ତାହା ୫୨ ପ୍ରତିଶତ ପଛୁଆବର୍ଗଙ୍କ ପ୍ରତି ଥିବା ସମ୍ବେଦନଶୀଳତାକୁ ପ୍ରମାଣ କରୁଛି। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସର୍ବାଧିକ ୨୭ ପ୍ରତିଶତ ପଛୁଆବର୍ଗର ନେତାମାନଙ୍କୁ ସାମିଲ କରି ସଂଖ୍ୟାଧିକ ବର୍ଗଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ କରାଯାଇଛି। ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ୨୭ ପ୍ରତିଶତ ସଂରକ୍ଷଣ ଘୋଷଣା କରି ତାହା ପ୍ରଧାନମନ୍ତ୍ରୀ ଏହାକୁ କାର୍ଯ୍ୟକାରୀ କରାଇଛନ୍ତି ବୋଲି ଦଳୀୟ ନେତୃବୃନ୍ଦ କହିଥିଲେ। ଓଡିଏଫ୍‌ସି ମାଧ୍ୟମରେ ଯୁବତୀ ଯୁବକମାନଙ୍କୁ ଋଣ ଯୋଗାଇବା, ଦକ୍ଷତା ତାଲିମ ଓ କର୍ମନିଯୁକ୍ତି ବ୍ୟବସ୍ଥା କରାଇଥିବାରୁ ପ୍ରଧାନମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଅନ୍ୟପକ୍ଷେ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ସହ ବଜେଟ ବ୍ୟବସ୍ଥା କଲେ, ପଛୁଆବର୍ଗ ସେମାନଙ୍କ ଅଧିକାର ପାଇପାରିବେ ବୋଲି ଆଲୋଚନା ହୋଇଥିଲା। ଓବିସି ମୋର୍ଚ୍ଚାର କୌଶିକ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ସୁଦାମ ଭୋଇ, ଶୁକ୍ରୁ ସାହୁ, ସଂଗ୍ରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

# କେମିଷ୍ଟ, ଡ୍ରଗିଷ୍ଟ ସଂଘର ବାର୍ଷିକ ଅଧିବେଶନ

ଭେଡେନ,୨୦।୨(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର ବାର୍ଷିକ ଅଧିବେଶନ ପପଙ୍ଗା ପାହାଡ ମହୋତ୍ସବ ପଡିଆରେ ସୋମବାର ଅନୁଷ୍ଠିତ ହୋଇଛି। ବରଗଡ ଜିଲା ଜୋନ କୋଷାଧ୍ୟକ୍ଷ ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଅତାବିରା ଜୋନ୍‌ର ପ୍ରକାଶ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ପବିତ୍ର ମେହେର ସଭାପତି, ସୁଜିତ ପଣ୍ଡା ସମ୍ପାଦକ




ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥିଗଣ।

ଏବଂ ସୁରେନ୍ଦ୍ର ଧରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ସଭାରେ ଔଷଧ ବ୍ୟବସାୟୀଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘ ସଦସ୍ୟ ଦିଲୀପ ଦୋରା ଧନ୍ୟବାଦ ଅର୍ପଣ କରିଥଲେ।

# ଦୁର୍ଘଟଣାଗ୍ରସ୍ତ ବାଇକ୍‌ରୁ ଗଞ୍ଜେଇ ଜବତ

ବରଗଡ଼ ଅଫିସ୍,୨୦।୨

ବରଗଡ଼-ଭଟଲି ରାସ୍ତାରେ ସୋମବାର ଦୁର୍ଘଟଣାଗ୍ରସ୍ତ ଏକ ବାଇକ୍‌ରୁ ଗଞ୍ଜେଇ ଜବତ ହୋଇଛି। ବାଇକ୍‌ଟି କାହାର ଏବଂ କିଏ ସେଥିରେ ଗଞ୍ଜେଇ ଚାଲାଣ କରୁଥିଲେ, ତାହା ଜଣାପଡ଼ିନାହିଁ। ସେହି ବାଇକ୍ ଯୋଗେ ଛତିଶଗଡ଼ ପଟକୁ ଗଞ୍ଜେଇ ଚାଲାଣ କରାଯାଉଥିବା ଅନୁମାନ କରାଯାଉଛି । ପୋଲିସ ଏ ନେଇ ଅଧିକ ତନାଘନା ଚଳାଇଛି ।

# ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

ଅତାବିରା,୨୦।୨(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଖଲିଆପାଲି (ଏ) ନୋଡ଼ାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁ ଏବଂ ପରିଚାଳନା କମିଟି ଅଧ୍ୟକ୍ଷ ଆନନ୍ଦ ଜାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛବିଳ ପ୍ରଧାନ, ସରପଞ୍ଚ ଶେଷଦେବ ଛନ୍ଦ, କୃଷ୍ଣଚନ୍ଦ୍ର କନ୍ଦେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀ ପାଇକ ଏବଂ ରଚିସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ସିଆରସିସି ରଞ୍ଜନ ଭୋଇ ଏବଂ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ଫୁଟ୍‌ବଲ: ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ବିଜୟୀ

ବରଗଡ଼ ଅଫିସ୍,୨୦।୨

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାକୁ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ପିତ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ସ୍ୱର୍ଗତ ଡାଙ୍ଗଙ୍କ ସ୍ତ୍ରୀ ରମ୍ଭାବତୀ, ପୁତ୍ର ପିଣ୍ଟୁ, ଭାଇ ଶତ୍ରୁଘ୍ନଙ୍କ ସମେତ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର, ଉପସଭାପତି ଯୁଗଳ ପ୍ରସାଦ ସିଂ, ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ସଭାପତି ପ୍ରେମନାଥ ଗିରି, ଜ୍ଞାନରଞ୍ଜନ ପୂଜାରୀ, ଅତିଶ ପଣ୍ଡା, ଜିଲା ସଂଘର ଫୁଟବଲ ସମ୍ପାଦକ ଶେଖ୍ ସବଦର, ଆଉଟଡୋର ସମ୍ପାଦକ ସୁରେଶ କୁମାର ଦାଶ, ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପ୍ରତିପକ୍ଷ କୁଚିଣ୍ଡାର ବିଏଫ୍‌ସିକୁ ୩-୦ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବର ରାଜୁ ବେହେରା ୨ଟି ଗୋଲ ସ୍କୋର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟ ଗୋଲ୍‌ଟି ଜନସନ ବାନ୍ଦ୍ରା ସ୍କୋର କରିଥିଲେ। କାର୍ତ୍ତିକ ଦାଶ, ଦୀପେଶ ପ୍ରଧାନ, ସଚୀନ ଭୁଏ, ସ୍ୱର୍ଣ୍ଣଲତା ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ସଚ୍ଚି ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତାପ ଦାଶ, ବବଲୁ ଦାଶ, ରୁଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ । ମଙ୍ଗଳବାର ସୁନ୍ଦରଗଡ଼ର ଏସ୍‌ଏସ୍ କ୍ଲବ ଏବଂ କାଇଁଶିରର ଶାସ୍ତ୍ରୀଜୀ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିବୃନ୍ଦ ।

**ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତା**

# ବିକାଶ କ୍ରିକେଟ୍ କ୍ଲବ ଚାମ୍ପିୟନ

ବରଗଡ଼ ଅଫିସ୍,୨୦।୨

ଓଡ଼ିଶା ରାଜ୍ୟ କ୍ରିକେଟ ଆସୋସିଏଶନ ଏବଂ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ଭିଜନ ୨୦୨୦-୨୪ ଆନୁକୂଲ୍ୟରେ ଚାଲିଥିବା ଜିଲା ସିନିୟର ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ବିକାଶ ଷ୍ଟାଡ଼ିୟମରେ ବିକାଶ କ୍ରିକେଟ କ୍ଲବ ଏବଂ ବ୍ଲୁ ଡାଇମଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ବିକାଶ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ବ୍ଲୁ ଡାଇମଣ୍ଡ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳର ଅଧିନାୟକ ପ୍ରବୀଣ ଲୁହାଙ୍କ ୧୨୫ରନ (୭ ଚୌକା, ୬ ଛକା), ରାକେଶ ସିଂଙ୍କ ୩୫ ଏବଂ ମଳୟ ହାତୀଙ୍କ ୩୧ରନ ସହାୟତାରେ ଦଳ ନିର୍ଦ୍ଧାରିତ ୫୦ଓଭରରେ ସମସ୍ତ ଉଇକେଟ ହରାଇ ୨୫୭ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବିକାଶ କ୍ଲବ ଦଳର ଅଧିନାୟକ ଦାସାରୀ ବିବେକ କୁମାରଙ୍କ ୧୧୪ରନ (୧୫ ଚୌକା, ୩ ଛକା), ହିମାଂଶୁ ବିଷ୍ଟଙ୍କ ୪୩, ସନ୍ଦେଶ ସୁହାସଙ୍କ ୩୫ରନ ସହାୟତାରେ ୪୬.୨ ଓଭରରେ ୫ ଉଇକେଟ୍ ହରାଇ ଦଳ ୨୬୧ରନ ସଂଗ୍ରହ ସହିତ ଦଳ ଚାମ୍ପିୟନ ହୋଇଥିଲା। ପ୍ରତିପକ୍ଷ ବ୍ଲୁ ଡାଇମଣ୍ଡର ଦେବେନ୍ଦ୍ର କୁଅଁର ଓ ରାକେଶ ସିଂ ୨ଟି ଲେଖାଏଁ ଉଇକେଟ୍ ନେଇଥିବାବେଳେ ଆଜାଦ ପ୍ରଧାନ ଗୋଟିଏ ଉଇକେଟ୍ ନେଇଥିଲେ। ପ୍ରଦୀପ କୁମାର ଦାଶ, ଶୁଭମ ପାତ୍ର ଖେଳ ପରିଚାଳନା କରିଥିଲେ। ମନୋଜ ପାତ୍ର ଏବଂ ଅଶୋକ ସିହ୍ନା ସ୍କୋରର ଥିଲେ।

ଜିଲା କ୍ରିକେଟ ଆସୋସିଶନ ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ର ଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିକାଶ କ୍ଲବର ଦାସରୀ ବିବେକ କୁମାରଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ବ୍ଲୁ ଡାଇମଣ୍ଡ ଦଳର ପ୍ରବୀଣ ଲୁହାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ରାକେଶ ସିଂଙ୍କୁ ଶ୍ରେଷ୍ଠ ବୋଲର, ୟୁନାଇଟେଡ୍ କ୍ରିକେଟ କ୍ଲବର ହେୟାତଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ବିକାଶ କ୍ଲବର କୌସ୍ତୁଭ ମହର୍ଷିଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରିକେଟ ଆସୋସିଏଶନ ସମ୍ପାଦକ ରବି ପଣ୍ଡା, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଗୁରୁଦତ୍ତ ଦାଶ, ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ନବୀନ ଲାଠ, ପ୍ରଦୀପ ସାହୁ, ସୌର୍ଯ୍ୟରଞ୍ଜନ ରାଏ, ବିକାଶ କ୍ଲବର କୋଚ୍ ଅଶୋକ ସିଂ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି, ଆୟୋଜକଙ୍କ ଗହଣରେ କୃତୀଦଳର ଖେଳାଳିବୃନ୍ଦ ।

## ସଂକ୍ଷେପରେ

### ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ଡେନ୍‌ସା,୨୦।୨(ଡି.ଏନ୍‌.ଏ.): ସୁନ୍ଦରଗଡ଼ ଜିଲା ବରସୁଆଁ ଫରେଷ୍ଟ ରେଞ୍ଜ ରେଙ୍ଗମା ଗ୍ରାମରେ ରବିବାର ରାତିରେ ଗୋଟିଏ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଇଡା ଫାଣ୍ଡି ନିକଟ ଡେଙ୍ଗୁଳା ଗ୍ରାମପଞ୍ଚାୟତ ରେଙ୍ଗମା ଗ୍ରାମର କବି ନାଏକ (୫୫)। ରାତି ୧୨ଟାରେ ହାତୀ ଆସି ରେଙ୍ଗମା ଗ୍ରାମରେ କବିଙ୍କ ଫସଲ ଖାଇବାକୁ ବାଡ଼ିରେ ପଶିଥିଲା। ସେହି ବାଡ଼ିରେ କବି ଏକ କୁଡ଼ିଆ କରି ଫସଲ ଜଗୁଥିଲେ। ହାତୀ ଆସିବା ଶୁଣି କବି ଫୁଟେଲ ପଡିଆ ହୋଇ ଘରକୁ ଯାଉଥିବାବେଳେ ହାତୀ ସହିତ ମୁହାଁମୁହିଁ ହୋଇ ଯିବାରୁ ହାତୀ ଶୁଣ୍ଢରେ ଟେକି ନେଇ କଚାଡ଼ି ମାରିଦେଇଥିଲା। ଖବରପାଇ କୋଇଡା ପୋଲିସ ଓ ବରସୁଆଁ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇ ଥିବା ଜଣାପଡିଛି। ଏହି ଗୋଠ ଛଡା ଦନ୍ତା ହାତୀଟି କୋଇଡା ଓ ବରସୁଆଁ ରେଞ୍ଜ ଅଞ୍ଚଳରେ ୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି। ବାରମ୍ବାର ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଥିବାବେଳେ ବନ ବିଭାଗ ନୀରବ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟ ଜଙ୍ଗଲରେ ଛାଡିବା ପାଇଁ ଅଞ୍ଚଳବାସୀ ଦାବି କରୁଥିବାବେଳେ ଶୁଣିବାକୁ କେହି ନାହାଁନ୍ତି।

### ଭୋଜପୁର ସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ

ସମ୍ବଲପୁର,୨୦।୨(ବ୍ୟୁରୋ): ସମ୍ବଲପୁର କୁଚିଣ୍ଡା ଭୋଜପୁର ସ୍କୁଲର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଡୁରା ମୁଣ୍ଡା, ପମରେଶ୍ୱର ମିର୍ଦ୍ଧା, ସନାତନ ଭୋଇ ବୈଠକ ଆୟୋଜନ କରିଥିଲେ। ସ୍କୁଲର ବିକାଶ ସହିତ ସମାଜରେ ଦଳିତ ଓ ନିଷ୍ପେଷିତ ବ୍ୟକ୍ତିଙ୍କ କିଭଳି କଲ୍ୟାଣ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବୈଠକ କରି ଅଧିକ ପୁରାତନ ଛାତ୍ରଙ୍କୁ ଯୋଡିବାକୁ ମତପ୍ରକାଶ ପାଇଥିଲା।

# ଶ୍ରମମନ୍ତ୍ରୀଙ୍କ ସହ କେନ୍ଦୁପତ୍ର କର୍ମଚାରୀଙ୍କ ଆଲୋଚନା



ଶ୍ରମମନ୍ତ୍ରୀଙ୍କ ସହ କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ସମ୍ବଲପୁର,୨୦।୨(ବ୍ୟୁରୋ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସର୍ବନିମ୍ନ ମଜୁରି ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ଏହି ମର୍ମରେ ସଂଘ ସଭାପତି ବିଜୟ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ ୨୦୧୮ରେ ସର୍ବନିମ୍ନ ମଜୁରି ବୃଦ୍ଧି ହୋଇଥିଲା। ଏହାପରେ ହିଁ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସିଜନାଲ କର୍ମଚାରୀଙ୍କ ଦରମା ବୃଦ୍ଧି ହୋଇଥାଏ। ଏଣୁ ଓଡ଼ିଶା କେନ୍ଦୁପତ୍ର ସଂଘ ପକ୍ଷରୁ ଦରମା ବୃଦ୍ଧି କରିବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ଗତ ନଭେମ୍ବର

**ସର୍ବନିମ୍ନ ମଜୁରି ବୃଦ୍ଧି ଦାବି**

୨୨ରେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ଓଡ଼ିଶା ସରକାରଙ୍କ ଦ୍ୱାରା ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ ଏକ କମିଟି ଗଠନ କରାଯାଇଛି। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ କମିଟିରେ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି। ଆଲୋଚନାରେ କେନ୍ଦୁଲିବ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ସଂଘ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସମ୍ପାଦକ ମହମ୍ମଦ ମୁସ୍ତୁଜା, ଅନାଦି ସାହୁ, କୋଷାଧ୍ୟକ୍ଷ ଦୀନବନ୍ଧୁ ବେହେରା, କିଶୋର ପ୍ରଧାନ, ଯଦୁ ପାଣିଗ୍ରାହୀ, ଭୁପେନ୍ଦ୍ର ପ୍ରଧାନ, ଶିବ ପରିଛା, ସଞ୍ଜୟ ଚୌଧୁରୀ, କ୍ଷେତ୍ରଚନ୍ଦ୍ର ବାରିକ, ଶଙ୍କର୍ଷଣ ସାହୁ, ରାଜୁ ବିଶି, ରତ୍ନାକର ପ୍ରଧାନ, ଗୁରୁଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି



ଶିବିରରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଅଧିକାରୀ।

କୁଚିଣ୍ଡା, ୨୦।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ନିରଞ୍ଜନ ସା,ଏବିଡ଼ିଓ ସହଦେବ ନନ୍ଦ, କୁଚିଣ୍ଡା ଆଇଆଇସି ଶୋଭାକର ସେଠଙ୍କ ସମେତ ବିଦ୍ୟୁତ୍, ପାନୀୟ ଜଳ, କୃଷି, ଉଦ୍ୟାନ, ଶିକ୍ଷା ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୧୭ ଗୋଟି ପଞ୍ଚାୟତରୁ ସର୍ବମୋଟ ୩୬ ଗୋଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ ଓ ୩ଟି ଗୋଷ୍ଠୀସ୍ତରୀୟ ଅଭିଯୋଗ ଥିଲା। ବ୍ଲକ ତରଫରୁ ତରୁଣ କୁମାର ବିଶ୍ୱାଳ ଶିବିର ପରିଚାଳନା କରିଥିଲେ।

# ପିଏଚ୍‌ଡି ପଡ଼ିଆରେ ବ୍ୟଙ୍ଗ କବିତା ଆସର



କବିତା ଆସରରେ ଯୋଗଦେଇଥିବା ବ୍ୟଙ୍ଗ କବି।

ସମ୍ବଲପୁର,୨୦।୨(ବ୍ୟୁରୋ)

ସେତୁ ଅନୁଷ୍ଠାନ ଆୟୋଜିତ ବ୍ୟଙ୍ଗ କବିତା ଆସର ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ୟଙ୍ଗ କବି ମନେରଞ୍ଜନ ସାହୁ ଓ ଗୁଣରଞ୍ଜନ ସାଲିମାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। କବି ସତ୍ୟାନାଶ, ଡ. କୁଲାଙ୍ଗାର, ବୋଲଗଡ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ସୁଶାନ୍ତ ଦୁର୍ବଳିଆ, ସଚ୍ଚି କୁମ୍ଭାର, ଦେବେନ୍ଦ୍ର ସାହୁ, ମୁନିରାମ କୁମ୍ଭାର, ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଯୋଗଦେଇ ସମାଜର ଚାଲିଚଳଣି, ସାମ୍ପ୍ରତିକ ସମାଜର ଅବସ୍ଥାକୁ ନେଇ କବିତା ପାଠ କରିଥିଲେ। ସେହିପରି ସମ୍ବଲପୁର ଜିଲା ସଂସ୍କୃତି ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ହେମନ୍ତ କୁମାର ପ୍ରଧାନ କୁଇଜ୍ ମାଷ୍ଟର ଭାବେ ଯୋଗଦେଇଥିଲେ।

## ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ରେଙ୍ଗାଲି,୨୦।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରବିବାର ପପୁନ-ରିଙ୍କୁ ଓ ରାଜେନ୍ଦ୍ର-ବିଟୁନ ଯୋଡି ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ପପୁନ-ରିଙ୍କୁ ଯୋଡି ଚାମ୍ପିୟନ ହୋଇଥିଲେ। ପ୍ରଫୁଲ୍ଲ ଗହୀର ଓ ନରେଶ ମାହାଣା ଖେଳ ପରିଚାଳନା କରିଥିଲେ। ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଲଶ୍ରୀ ମହାନନ୍ଦ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶୀଭୂଷଣ ସାହୁ, ଡା. ଜିତେନ୍ଦ୍ର ନନ୍ଦ, ଶରତ ସାହୁ, ଦେବରାଜ ଭୋଇ, ରାଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବୟସ ସୀମା ପୁନଃ ବିଚାର କରିବାକୁ ଦାବି

**ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ନିଯୁକ୍ତି**

ସମ୍ବଲପୁର,୨୦।୨(ବ୍ୟୁରୋ)

ରାଜ୍ୟରେ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ନିଯୁକ୍ତି ନେଇ ରାଜ୍ୟ ସରକାର ନୂତନ ମାପଦଣ୍ଡ କରିଛନ୍ତି। ଏଥିରେ ବୟସ ସୀମାକୁ ନେଇ ଯେଉଁ ମାନଦଣ୍ଡ ରହିଛି ତାହା ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବା ଭଳି ଏକ ପଦକ୍ଷେପ ବୋଲି ଡା. ରାଜାରାମ ଷଡଙ୍ଗୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି କାମ କରିବାକୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ୨୧ରୁ ୪୫ ବର୍ଷର ମହିଳାମାନଙ୍କୁ ନିଯୁକ୍ତି ଦିଆଯାଉଥିଲା। ଶିଶୁ ଓ ମାତୃ ସେବା କ୍ଷେତ୍ରରେ ଏମାନଙ୍କ ଭୂମିକା ରହୁଥିବାରୁ ସେହି ଗ୍ରାମର ବିବାହିତ ମହିଳାମାନେ ନିଯୁକ୍ତି ପାଉଥିଲେ। ସେ ସମୟରେ ବିବାହ କରିବା ଉଚିତ ସମୟ, ପ୍ରଥମ ସନ୍ତାନ ହେବା ସମୟ ଓ ଅନ୍ୟ ଦିଗକୁ ନେଇ ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ତାଲିମ ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରାଯାଇ ଶିକ୍ଷାଗତ ଯୋଗ୍ୟତାକୁ ଦ୍ୱାଦଶ ଅର୍ଥାତ୍ ଯୁକ୍ତ ୨ କରାଯାଇ ବୟସ ସୀମାକୁ ୧୮ରୁ ୩୫ କରାଯାଇଛି। ବାଲ୍ୟ ବିବାହକୁ ପ୍ରଶ୍ରୟ ଦେବାଭଳି ଏକ ମାନଦଣ୍ଡ ତିଆରି ହୋଇଛି। ୨୨ବର୍ଷ ପରେ ମହିଳାଙ୍କ ବିବାହକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବୟସ ସୀମାକୁ ନେଇ ସାମାଜିକ ସ୍ତରରେ ଗ୍ରହଣୀୟ ହୋଇପାରୁ ନାହିଁ। ବୟସ ସୀମା ୨୨ରୁ ୪୫ ମଧ୍ୟରେ ରଖିବା ଦିଗରେ ରାଜ୍ୟ ସରକାର ପୁନଃ ବିଚାର କରିବାକୁ ସେ ଦାବି କରିଛନ୍ତି।

# ରାସ୍ତା ମରାମତି ପାଇଁ ଦାବିପତ୍ର



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର,୨୦।୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ୩୯ନଂ. ୱାର୍ଡବାସୀ ସୋମବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସିଟି ଷ୍ଟେଶନଠାରୁ ଠେମରା ଗ୍ରାମ ଦେଇ ପୁରୁଣାରାଞ୍ଚି ପର୍ଯ୍ୟନ୍ତ ଆର୍‌ଡି ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଏହି ରାସ୍ତା ଉପରେ ଠେମରା ଗ୍ରାମ ସହିତ କୁଡେସରା, ଗୁଡେସିଂହା, ତବଲା, ପରମାଣପୁର, କୁକୁଡାପାଲି, ଶିକିରାପାଲି, ବରଷାପାଲି ଆଦି ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ଏହି ରାସ୍ତା ମରାମତି ହେଲେ ଅଞ୍ଚଳବାସୀଙ୍କୁ ସହର ସହିତ ହୀରାକୁଦ ଓ ବୁର୍ଲା ମେଡିକାଲ ଯିବାଆସିବାରେ ସୁବିଧା ହେବ। ଠେମରା ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ମଧ୍ୟ ଉପକୃତ ହୋଇପାରିବେ। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ।

# ୩୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ସମ୍ବଲପୁର,୨୦।୨(ବ୍ୟୁରୋ)



ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

ସମ୍ବଲପୁର ଜିଲା ବାମରା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବାତ୍ତୁଲା ଗଙ୍ଗାଧର, ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲାପରିଷଦ ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ, ବାମରା ବିଡିଓ ପୁଷ୍ପକ ପ୍ରଧାନ, ତହସିଲଦାର ଅନିଲ କୁଲୁ, ସିଡିଏମ୍‌ଓ ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲାପରିଷଦ ସଭାପତି କୁମୁଦିନୀ ନାଏକ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧରୁଆଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ୨୪ ଓ ଗୋଷ୍ଠୀଗତ ୮ ମୋଟ ୩୨ ଗୋଟି ଅଭିଯୋଗ ହୋଇଥିଲା। ୩ ଜଣଙ୍କୁ ଟ୍ରାଇସାଇକେଲ ଓ ୨ ଜଣଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ପରେ ଜିଲାପାଳ ବ୍ଲକରେ ଚାଲିଥିବା ଉନ୍ନୟନମୂଳକ କାମଗୁଡିକର ତଦାରଖ କରିଥିଲେ।

# ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀରେ ଶୋଭାଯାତ୍ରା

ସମ୍ବଲପୁର, ୨୦।୨(ବ୍ୟୁରୋ)

ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀ ଉପଲକ୍ଷେ ଭବ୍ୟ ଶୋଭାଯାତ୍ରା ସମ୍ବଲପୁର ପରିକ୍ରମା କରିଛି। ସମ୍ବଲୁପର ସହର ହାଟପଡ଼ାଠାରେ ସ୍ଥାନୀୟ ମରାଠୀ ସମାଜ ଓ ବୀର ବଜରଙ୍ଗ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ସୁସଜ୍ଜିତ ବିମାନରେ ଛତ୍ରପତି ଶିବାଜୀ ମହାରାଜଙ୍କ ଫଟୋଚିତ୍ରକୁ ସ୍ଥାନିତ କରାଯାଇଥିଲା। ଶିବାଜୀଙ୍କ ବେଶରେ ଯୁବକ ଓ ବାଳକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ହାଟପଡ଼ାରୁ ବାହାରି ବଡ଼ସଡ଼କ, ସାନସଡ଼କ ହୋଇ ହାଟପଡ଼ାରେ ସମାପ୍ତ ହୋଇଥିଲା। ଏଥିରେ ବୀର ବଜରଙ୍ଗ ସଂଘ ଓ ମରାଠୀ ସମାଜର ସଭ୍ୟମାନେ ସାମିଲ ଥିଲେ। ଏହି ଅବସରରେ ମହା ଆରତି ହୋଇଥିଲା।



ଭବ୍ୟ ଶୋଭାଯାତ୍ରା ସମ୍ବଲପୁର ସହର ପରିକ୍ରମା କରୁଛି।

# ଜଳନ୍ଧର ଦରବାର ଉଦ୍‌ଯାପିତ

କୁଚିଣ୍ଡା,୨୦।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଟାଇଁସର ପଞ୍ଚାୟତର କଦୋପଡା ଚକଦହରଠାରେ ୩ଦିନ ଧରି ଚାଲିଥିବା ମହାଶିବରାତ୍ରୀ ଓ ଜଳନ୍ଧର ଦରବାର ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାରେ ସିନ୍ଧୁରାଜା ଜଳନ୍ଧରଙ୍କ ଇନ୍ଦ୍ରପୁରୀ ଓ କୈଳାସ ପର୍ବତରେ ଆକ୍ରମଣ କରି ମହାଦେବ ଶିବଙ୍କ ଦ୍ୱାରା ବଧ ହେବା ପରେ ଉଦ୍‌ଯାପିତ ହୋଇଥିଲା। କମିଟି ସଭାପତି ଉପେନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଜିଲାପରିଷଦ ସଭ୍ୟ ଅଜିତ କୁମାର ମହାପାତ୍ର, ଆଦିତ୍ୟ ପଟେଲ, ଯୋଗିନ୍ଦ୍ର ପଟେଲ ପ୍ରମୁଖ ରାଜଅତିଥି ଭାବେ ଯୋଗଦେଇ ପୂରାଣବର୍ଣ୍ଣିତ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅଞ୍ଚଳରେ ଭାଇଚାରା ସୃଷ୍ଟି ହୋଇ ଏକତାବୃଦ୍ଧି ପାଇଥାଏ ବୋଲି କହିଥିଲେ।

# ଆମ ପୋଲିସ ସମିତି ବୈଠକ

କଣ୍ଟାବାଞ୍ଜି, ୨୦।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନାରେ ସୋମବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସହରର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ସାମିଲ ଥିଲେ। କଣ୍ଟାବାଞ୍ଜିର ମୁଖ୍ୟ ସମସ୍ୟା ମଧ୍ୟରେ ଇନ୍ଦିରା ଛକ, ଶାସ୍ତ୍ରୀ ଛକ, ମହିଳା ମହାବିଦ୍ୟାଳୟ ରାସ୍ତା ସମସ୍ୟା ସହ ଉଠା ଦୋକାନୀଙ୍କ ବେଆଇନ ରାସ୍ତା ଅବରୋଧ ଉପରେ ଆଲୋଚନା କରାଯାଇଥିଲା।

# ଗୁରୁନାନକ ପବ୍ଲିକ ସ୍କୁଲ ଚାମ୍ପିୟନ

**ଟାଇଗର କପ କବାଡି ଟୁର୍ଣ୍ଣାମେଣ୍ଟ**

ସମ୍ବଲପୁର,୨୦।୨(ବ୍ୟୁରୋ)

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଟାଇଗର କପ କବାଡି ଟୁର୍ଣ୍ଣାମେଣ୍ଟରେ ଗୁରୁନାନକ ପବ୍ଲିକ ସ୍କୁଲ ଚାମ୍ପିୟନ ଓ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଦଳ ରନର୍ସଅପ ହୋଇଛି। ସମ୍ବଲପୁର ସହର କୁଞ୍ଜେଲପଡା ନିକଟ ପଡିଆରେ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଶେଷରେ ଗୁରୁନାନକ ଦଳ ୭୫-୭୪ ପଏଣ୍ଟରେ ଜିଲା ସ୍କୁଲ ଦଳକୁ ହରାଇଥିଲା। ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଭାଜପା ନେତା ଦାମୋଦର କର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୭ଟି ଦଳ ଭାଗ ନେଇଥିଲେ।




ଟ୍ରଫି ସହ ବିଜୟୀ ଦଳ।

# କଂସ ମହାରାଜାଙ୍କ ନଗର ଭ୍ରମଣ

ବ୍ରଜରାଜନଗର,୨୦।୨(ଡି.ଏନ.ଏ.)

ଝାରସୁଗୁଡା ଜିଲା ଚାନ୍ଦିନିମାଲ ଗ୍ରାମବାସୀଙ୍କ ପକ୍ଷରୁ ଚାଲିଥିବା ଧନୁଯାତ୍ରାର ସୋମବାର ତୃତୀୟ ଦିନରେ ମହାରାଜ କଂସ ମନ୍ତ୍ରୀବର୍ଗଙ୍କ ସହ ନଗର ପରିକ୍ରମାରେ ବାହାରି ବରପାଲି ଗ୍ରାମରେ ପହଞ୍ଚିଥିଲେ। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ମଥୁରାନଗରୀ ଯାଇ ମହାରାଜ କଂସ ଏବଂ ମନ୍ତ୍ରୀବର୍ଗଙ୍କୁ ଜଗନ୍ନାଥ ଯୁବକ ସଂଘ ତରଫରୁ ବରଣ କରାଯାଇଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ବରପାଲିରେ ପହଞ୍ଚିବା ପରେ ଆୟୋଜକ କମିଟି ସଭ୍ୟ ଓ ବରିଷ୍ଠ ବ୍ୟକ୍ତିମାନେ ଭବ୍ୟ ସ୍ୱାଗତ କରିଥିଲେ। ଗାଁରେ ଝୋଟି, ମୁରୁଜ ସହିତ କଳସ ବସାଇ ବନ୍ଦାପନା କରାଯାଇଥିଲା। ମହାରାଜ କଂସ ଗ୍ରାମର ନଦୀ, ନାଳ, ପୋଖରୀ, ନଳକୂପ, ସ୍କୁଲ ସଫାସୁତରା ଓ ପରିମଳ ବ୍ୟବସ୍ଥା ଦେଖି ଖୁସି ଅନୁଭବ କରିବା ସହ ଗ୍ରାମର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗ୍ରାମର ନିରଞ୍ଜନ ବଢାଇ, ଜୟରାମ ବଗାର, ଯୁବରାଜ ବିଶି, କର୍ଣ୍ଣ ଚନ୍ଦ୍ର ରାଉତ, ମନୋଜ ବଢାଇ, ଭୁଗିସ ରାଉତ, ବୃଷଭାନୁ ବଗାର, ଡିଲେଶ୍ୱର ବଢାଇ, ଫକୀର ସେଟ, ନରେଶ ବଢାଇ ପ୍ରମୁଖ ଉପସ୍ଥିତ ଥିଲେ।



ନଗର ଭ୍ରମଣରେ ବାହାରିଥିବା କଂସ ମହାରାଜ।

